# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୮/୨୦୨୨ (୨୦ ପୃଷ୍ଠା) | Bhubaneswar, Thursday, September 8/2022 | Page 20 | ₹ 7.00 | ★★★★★★

୪୮ଶ ଭାଗ ୨୮୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 284 | ମୂଲ୍ୟ ₹୭/-




**ସେମିଫାଇନାଲରେ ଖାଚାନୋଭ**

ୟୁଏସ୍ ଓପନ୍ ଟେନିସ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ଅଷ୍ଟ୍ରେଲିଆର ନିକ୍ କିର୍ଗିଓସ୍‌ଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି ଋଷିଆର କାରେନ୍ ଖାଚାନୋଭ୍।

୨୦

୧୮

**ରିଲିଜ ପୂର୍ବରୁ ଅଡୁଆରେ 'ବ୍ରହ୍ମାସ୍ତ୍ର'**

ରଣବୀର କପୁର ଏବଂ ଆଲିଆ ଭଟ୍ଟଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ବ୍ରହ୍ମାସ୍ତ୍ର' ଶୁକ୍ରବାର ବଡ଼ପରଦାକୁ ଆସିବାକୁ ଯାଉଥିବାବେଳେ ରିଲିଜ ପୂର୍ବରୁ ଏହାକୁ ତୀବ୍ର ବିରୋଧ କରାଯାଇଛି।





ଧରିତ୍ରୀର ପ୍ରାଣ ପ୍ରତିଷ୍ଠାତା ତଥା ପୂର୍ବତନ ସମ୍ପାଦକ ଦେବେନ୍ଦ୍ର ଶତପଥୀଙ୍କ ଜୟନ୍ତୀ ଅବସରରେ ଧରିତ୍ରୀ ପରିବାର ପକ୍ଷରୁ ବିନମ୍ର ପ୍ରଣତି।

**ଆଜିର ସମ୍ପାଦକୀୟ**

**ସ୍ୱର୍ଗରେ କ୍ଷୁଧା**



କଳିଙ୍ଗ ଷ୍ଟାଡିୟମର ଭାରୋତ୍ତୋଳନ ହଲ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଅଲ୍‌ଟିମେଟ ଖୋ ଖୋ ଲିଗ୍ ଚାମ୍ପିୟନ ଓଡ଼ିଶା ଜଗରନଟ୍ସ ଦଳକୁ ସମ୍ବର୍ଦ୍ଧିତ କରୁଛନ୍ତି।




# ବନ୍ୟାରେ ୧୪,୨୩୫ ଘର ନଷ୍ଟ

**ଭୁବନେଶ୍ୱର,୭।୯(ବ୍ୟୁରୋ)**

ଗତ ମାସ ଦ୍ୱିତୀୟ ଓ ତୃତୀୟ ସପ୍ତାହରେ ହୋଇଥିବା ବନ୍ୟା ଏବଂ ଲଘୁଚାପଜନିତ ପ୍ରବଳ ବର୍ଷା ଯୋଗୁ ରାଜ୍ୟର ୨୪ ଜିଲା ପ୍ରଭାବିତ ହୋଇଛି। ୧,୨୬,୧୬୨ ହେକ୍ଟର ଚାଷଜମିର ୩୩ ପ୍ରତିଶତରୁ ଊର୍ଦ୍ଧ୍ୱ ଫସଲ ହାନି ହୋଇଛି। ୧୪,୨୩୫ ବାସଗୃହ ନଷ୍ଟ ହୋଇଥିବା ବେଳେ ୧୨୩୬ ଗୁହାଳ, ୫୦୩୬ ହେକ୍ଟର ଚାଷଜମି ବାଲିଚର, ୧୧୨୫ଟି ଡଙ୍ଗା ଓ ଜାଲ, ୨୮.୩୮୨ ହେକ୍ଟର ମାଛ ପୋଖରୀ ଓ ୪୮୩.୧୪୫ ହେକ୍ଟର ମାଛଯାଆଁଳ ଚାଷ କ୍ଷତିଗ୍ରସ୍ତ ହୋଇଛି।

କ୍ଷତିଗ୍ରସ୍ତ ଜିଲାଗୁଡ଼ିକ ହେଲା ଅନୁଗୋଳ, ବରଗଡ଼, ବୌଦ୍ଧ, ନୟାଗଡ଼, ସମ୍ବଲପୁର, ସୁବର୍ଣ୍ଣପୁର, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ପୁରୀ, ଭଦ୍ରକ, ବାଲେଶ୍ୱର, ଯାଜପୁର, କେଉଁଝର, ମୟୂରଭଞ୍ଜ, ବଲାଙ୍ଗୀର, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା ଓ ସୁନ୍ଦରଗଡ଼। ବନ୍ୟା ଓ ପ୍ରବଳ ବୃଷ୍ଟିପାତ ଦ୍ୱାରା ହୋଇଥିବା କ୍ଷୟକ୍ଷତିର ଆକଳନ ପାଇଁ ସମ୍ପୃକ୍ତ ଜିଲାର ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲାପାଳମାନଙ୍କ କ୍ଷୟକ୍ଷତିର ଆକଳନକୁ ଭିତ୍ତିକରି ଏବଂ ବିପର୍ଯ୍ୟୟ ସହାୟତା ପାଣ୍ଠିର ସର୍ତ୍ତ ଓ ନିୟମାବଳୀ ଅନୁଯାୟୀ ଘର ନିର୍ମାଣ ସହାୟତା, ବାସନକୁସନ ସହାୟତା, କୃଷିଭିତ୍ତିକ ସହାୟତା, ବାଲିଚର ସହାୟତା, ମୃତ ଗୋରୁଙ୍କ ପାଇଁ ସହାୟତା, କ୍ଷତିଗ୍ରସ୍ତ ଡଙ୍ଗା ଓ ଜାଲ, ମତ୍ସ୍ୟପୋଖରୀ, ମାଛଯାଆଁଳ ଚାଷ, ହସ୍ତତନ୍ତ ବୁଣାକାର, ହସ୍ତଶିଳ୍ପ କାରିଗର, ରେଶମ ଚାଷୀଙ୍କ ପାଇଁ ସହାୟତା ବାବଦକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୨୮ କୋଟି ୫୮ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ସେହିପରି ଜଳବନ୍ଦୀରେ ପ୍ରଭାବିତ ଲୋକମାନଙ୍କୁ ଖାଦ୍ୟ ସହାୟତା ବାବଦକୁ ଅଦ୍ୟାବଧି ଜିଲାପାଳମାନଙ୍କୁ ୯୯ କୋଟି ୯୨ ଲକ୍ଷ ୯୭ ହଜାର ଟଙ୍କା ମଞ୍ଜୁର କରାଯାଇଛି। ଇତିମଧ୍ୟରେ ଜଳସମ୍ପଦ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଗୃହ ଓ ନଗର ଉନ୍ନୟନ ଏବଂ ଶକ୍ତି ବିଭାଗଠାରୁ ମିଳିଥିବା ରିପୋର୍ଟ ଅନୁଯାୟୀ ୧୨୬ କୋଟି ୬୨ ଲକ୍ଷ ୯୩ ହଜାର ଟଙ୍କାର ସାଧାରଣ ସମ୍ପତ୍ତି କ୍ଷୟକ୍ଷତି ହୋଇଛି। ସାଧାରଣ ସମ୍ପତ୍ତି କ୍ଷୟକ୍ଷତିର ତୁରନ୍ତ ପୁନରୁଦ୍ଧାର ପାଇଁ ଜଳସମ୍ପଦ ବିଭାଗ ୫୨୭୭.୬୯ ଲକ୍ଷ ଟଙ୍କା ଆବଶ୍ୟକ କରୁଥିବାବେଳେ ପୂର୍ତ୍ତ ବିଭାଗ ୨୦୧୯.୪୪ ଲକ୍ଷ, ଗ୍ରାମ୍ୟ ଉନ୍ନୟନ ବିଭାଗ ☞ପୃଷ୍ଠା–୪

**କ୍ଷୟକ୍ଷତି ରିପୋର୍ଟ**

- ୧.୨୬ ଲକ୍ଷ ହେକ୍ଟର ଜମିରେ ଫସଲ ନଷ୍ଟ
- ୧୨୬.୬୨ କୋଟିର ସାଧାରଣ ସମ୍ପତ୍ତି କ୍ଷତି
- ୫୦୩୬ ହେକ୍ଟର ଜମି ବାଲିଚର
- ବନ୍ୟା ସହାୟତା ପାଇଁ ୧୨୮ କୋଟି ୫୮ ଲକ୍ଷ
- ମରାମତି, ପୁନରୁଦ୍ଧାର ଲାଗି ୮୭୧୫.୫୧ ଲକ୍ଷ ଟଙ୍କା ମଞ୍ଜୁର

# ରାଜ୍ୟରେ ହେବ ଖୋ ଖୋ ଷ୍ଟାଡିୟମ

## ଓଡ଼ିଶା ଜଗରନଟ୍ସ ଦଳକୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

- ୨ କୋଟି ଟଙ୍କାର ପୁରସ୍କାର
- ଖୋ ଖୋ ହାଇପର୍‌ଫର୍ମାନ୍ସ ସେଣ୍ଟର ମଧ୍ୟ ହେବ

**ଭୁବନେଶ୍ୱର, ୭।୯(କ୍ରୀଡ଼ା ପ୍ରତିନିଧି)**

କ୍ରୀଡ଼ାକ୍ଷେତ୍ରରେ ଓଡ଼ିଶା ଏବେ ଆଗକୁ ବଢ଼ୁଛି। ରାଜ୍ୟ ସରକାର କ୍ରୀଡ଼ାକୁ ପ୍ରୋତ୍ସାହନ ଦେଉଥିବାରୁ ଏଠାରେ ଏବେ ହକି, ଆଥ୍‌ଲେଟିକ୍ସ, ଫୁଟ୍‌ବଲ, ଟେନିସ୍ ଆଦି ଏକାଧିକ ଖେଳର ବିଶ୍ୱସ୍ତରୀୟ ଭିତ୍ତିଭୂମି ଉପଲବ୍ଧ ହୋଇପାରିଛି। ଫଳସ୍ୱରୂପ ଓଡ଼ିଶାରେ ବିଶ୍ୱକପ୍ ସମେତ ପାଖାପାଖି ଏକ ଡଜନ ଅନ୍ତର୍ଜାତୀୟ ହକି ଟୁର୍ଣ୍ଣାମେଣ୍ଟ ସଫଳତାର ସହ ଆୟୋଜନ ହୋଇଛି। ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଆୟୋଜନ କରି ଦେଶ ବିଦେଶରୁ ପ୍ରଶଂସା ସାଉଁଟିଛନ୍ତି ଓଡ଼ିଶା ସରକାର। ଫ୍ରାଞ୍ଚାଇଜ୍‌ଭିତ୍ତିକ ଲିଗ୍ ହକିରେ କଳିଙ୍ଗ ଲାନ୍ସର୍ସ, ଫୁଟ୍‌ବଲରେ ଓଡ଼ିଶା ଏଫ୍‌ସି ପରି ଖୋ ଖୋରେ ରାଜ୍ୟର ଏକ ନିଜସ୍ୱ ଦଳ ଓଡ଼ିଶା ଜଗରନଟ୍ସ ସଦ୍ୟସମାପ୍ତ ଅଲ୍‌ଟିମେଟ ଖୋ ଖୋ ଲିଗ୍‌ରେ ଅଂଶଗ୍ରହଣ କରିଥିଲା। କେବଳ ସେତିକି ନୁହେଁ, ସର୍ବପ୍ରଥମ ସଂସ୍କରଣରେ ଓଡ଼ିଶା ଜଗରନଟ୍ସ ଚାମ୍ପିୟନ ହୋଇ ଇତିହାସ ରଚିଛି। ଫଳସ୍ୱରୂପ ଏବେ ସ୍ୱଦେଶୀ କ୍ରୀଡ଼ା ଖୋ ଖୋ ପାଇଁ ଆସିଛି ବଡ଼ ଖୁସି ଖବର। ଓଡ଼ିଶାରେ ଖୋ ଖୋ ଷ୍ଟାଡିୟମ ଏବଂ ହାଇ ପର୍‌ଫର୍ମାନ୍ସ ସେଣ୍ଟର (ଏଚ୍‌ପିସି) ନିର୍ମାଣ ହେବ ବୋଲି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବୁଧବାର କଳିଙ୍ଗ ଷ୍ଟାଡିୟମସ୍ଥିତ ଭାରୋତ୍ତୋଳନ ହଲ୍‌ରେ ଓଡ଼ିଶା ଜଗରନଟ୍ସ ଦଳକୁ ସମ୍ବର୍ଦ୍ଧନା ସହ ଆର୍ଥିକ ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟମନ୍ତ୍ରୀ ଏହା ପ୍ରକାଶ କରିଛନ୍ତି। ଜଗରନଟ୍ସ ଦଳକୁ ୨ କୋଟି ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। ପୂର୍ବରୁ ଓଡ଼ିଶାରେ ☞ପୃଷ୍ଠା–୪

# ବାପାଙ୍କୁ ଗୁଳି କରି ହତ୍ୟା

- ଦେଶୀ ବନ୍ଧୁକ ଜବତ
- ଜଙ୍ଗଲରୁ ଧରାପଡ଼ିଲେ ଅଭିଯୁକ୍ତ

**ଉଦଳା, ୭।୯(ଡି.ଏନ.ଏ.)**

ସାମାନ୍ୟ ବଚସାରୁ ନିର୍ଦ୍ଦୟ ପାଲଟିଲେ ପୁଅ। ହାତ ଧରି ଚାଲି ଶିଖାଇଥିବା ବାପାଙ୍କୁ ଗୁଳି କରି ହତ୍ୟା କଲେ। ଏଭଳି ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ କାଶୀକୁଣ୍ଡଳ ଗ୍ରାମରେ। ମୃତକ ହେଲେ ଟିଲୁ ନାଏକ। ପୋଲିସ ଅଭିଯୁକ୍ତ ପୁଅ କୈଳାସଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ କୈଳାସ ଘରକୁ ଫେରି ଖାଉଥିଲେ। ଏହି ସମୟରେ ତାଙ୍କ ବାପା ଟିଲୁ ପହଞ୍ଚି କୌଣସି କଥାକୁ ନେଇ ଗାଳି କରିଥିଲେ। ଏହାକୁ ନେଇ ବାପ ପୁଅଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଉଠିଥିଲେ କୈଳାସ। ସେ ଖାଇବା ପାଖରୁ ଉଠିଯାଇ ☞ପୃଷ୍ଠା–୪

**ଜଟଣୀରେ ହେବ କ୍ୟାନ୍‌ସର ହସ୍ପିଟାଲ**

........ ୪ ........

# ୧୧୦ ସ୍ଥାନରେ ଆଇଟି ଚଢ଼ାଉ

## ଅଣସ୍ୱୀକୃତିପ୍ରାପ୍ତ ଦଳଗୁଡ଼ିକର ଟିକସ ଠକେଇ

**ନୂଆଦିଲ୍ଲୀ,୭।୯**

କେତେକ ନିର୍ଦ୍ଦିଷ୍ଟ ପଞ୍ଜୀକୃତ ଅଣସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ (ଆର୍‌ୟୁପିପି) ଏବଂ ସେଗୁଡ଼ିକର ସନ୍ଦେହଜନକ ଆର୍ଥିକ କାରବାର ବିରୋଧରେ ବୁଧବାର ଆୟକର (ଆଇଟି) ବିଭାଗ କାର୍ଯ୍ୟାନୁଷ୍ଠାନ ନେଇଛି। ଆୟକର ଠକେଇ ଅଭିଯୋଗରେ ଗୁଜରାଟ, ଦିଲ୍ଲୀ, ଉତ୍ତର ପ୍ରଦେଶ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଛତିଶଗଡ଼, ହରିୟାଣା ଓ ଅନ୍ୟ କେତେକ ରାଜ୍ୟର ଅନ୍ୟୂନ ୧୧୦ ସ୍ଥାନରେ ଆଇଟି ଟିମ୍ ଓ ସ୍ଥାନୀୟ ପୋଲିସ ଯାଞ୍ଚ କରିଛନ୍ତି। ସେହିପରି ଦିଲ୍ଲୀର ଥିଙ୍କ୍‌ଟ୍ୟାଙ୍କ୍ ସେଣ୍ଟର ଫର୍ ପଲିସି ରିସର୍ଚ୍ଚ, ଏନ୍‌ଜିଓ ଅକ୍ସଫାମ୍ ଇଣ୍ଡିଆ ଏବଂ ବେଙ୍ଗାଲୁରୁସ୍ଥିତ ପବ୍ଲିକ୍ ସ୍ପିରିଟେଡ୍ ମିଡିଆ ଫାଉଣ୍ଡେଶନ ଅଫିସରେ ମଧ୍ୟ ଆଇଟି ଅଧିକାରୀମାନେ ଚଢ଼ାଉ କରିଥିବା ଜଣାପଡ଼ିଛି। ଗତ ଜୁନ୍‌ରେ ନିର୍ବାଚନ କମିଶନ (ଇସି) ୧୧୧ଟି ପଞ୍ଜୀକୃତ ଅଣସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳକୁ 'ନନ୍‌–ଏକ୍ସିଷ୍ଟେଣ୍ଟ' ବା ଅସ୍ତିତ୍ୱବିହୀନ ବୋଲି ଚିହ୍ନଟ କରିଥିଲେ। ତିନୋଟି ରାଜନୈତିକ ଦଳର ବିସ୍ତୃତ ବିବରଣୀ ମଧ୍ୟ ଆଇନଗତ କାର୍ଯ୍ୟାନୁଷ୍ଠାନ ସକାଶେ ରାଜସ୍ୱ ବିଭାଗକୁ ପ୍ରଦାନ କରିଥିଲେ। ଏହି ଦଳଗୁଡ଼ିକ ବିରୋଧରେ 'ଗମ୍ଭୀର ଆର୍ଥିକ ଅନିୟମିତତା' ଅଭିଯୋଗ ରହିଛି। ବୁଧବାର ଅପରାହ୍ଣରେ ଆଇଟି ଅଧିକାରୀମାନେ ନୂଆଦିଲ୍ଲୀର ଚାଣକ୍ୟପୁରୀରେ ଥିବା ସେଣ୍ଟର ଫର୍ ପଲିସି ରିସର୍ଚ୍ଚ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ଦସ୍ତାବିଜ ଯାଞ୍ଚ କରିଥିଲେ। ୧୦ ସଦସ୍ୟ ବିଶିଷ୍ଟ ଟିମ୍ ଏହି ସଂସ୍ଥାର ବ୍ୟାଙ୍କ ଆକାଉଣ୍ଟକୁ ନେଇ ତନାଘନା କରିଥିବା କୁହାଯାଉଛି। ତେବେ ସେଣ୍ଟର ଫର୍ ପଲିସି ରିସର୍ଚ୍ଚ ନିଜକୁ ଏକ ☞ପୃଷ୍ଠା–୪

# ୪୭% ଆଣ୍ଟିବାୟୋଟିକ୍‌କୁ ମିଳିନି ମଞ୍ଜୁରୀ

## ଭାରତୀୟଙ୍କ ଔଷଧ ସେବନ ଉଦ୍‌ବେଗଜନକ: ଲାନ୍‌ସେଟ୍

**ନୂଆଦିଲ୍ଲୀ, ୭।୯**

କୋଭିଡ୍–୧୯ ମହାମାରୀବେଳେ ଡୋଲୋ–୬୫୦ ଟାବ୍‌ଲେଟ୍‌ର ବହୁଳ ବ୍ୟବହାର ବିତର୍କକୁ ଆସିଥିବାବେଳେ ଏବେ ଭାରତୀୟଙ୍କ ଆଣ୍ଟିବାୟୋଟିକ୍ ଔଷଧ ସେବନ ଉଦ୍‌ବେଗଜନକ ହୋଇଛି। ୨୦୧୯ରେ ଭାରତରେ ବ୍ୟବହୃତ ଟାବ୍‌ଲେଟ୍ ମଧ୍ୟରୁ ସର୍ବାଧିକ ହେଉଛି ଆଜିଥ୍ରୋମାଇସିନ୍। ଏ ନେଇ ଲାନ୍‌ସେଟ୍ ରିଜିଓନାଲ ହେଲ୍‌ଥ ସାଉଥ୍‌ଇଷ୍ଟ ଏସିଆ ପତ୍ରିକାରେ ରିପୋର୍ଟ ପ୍ରକାଶ ପାଇଛି। ଚିନ୍ତାର ବିଷୟ ହେଉଛି ଘରୋଇ କ୍ଷେତ୍ରରେ ବ୍ୟବହୃତ ହେଉଥିବା ଆଣ୍ଟିବାୟୋଟିକ୍ ଔଷଧ ମଧ୍ୟରୁ ୪୭%କୁ କେନ୍ଦ୍ରୀୟ ଡ୍ରଗ୍ ନିୟନ୍ତ୍ରକଙ୍କ ମଞ୍ଜୁରୀ ମିଳିନାହିଁ।

ଆଣ୍ଟିବାୟୋଟିକ୍‌ର ବିକ୍ରି ଓ ବ୍ୟବହାର ଉପରେ ନିୟନ୍ତ୍ରଣ ରଖାଯିବା ପାଇଁ ଗାଇଡ୍‌ଲାଇନ୍ ଅଣାଯିବା ଉଦ୍ଦେଶ୍ୟରେ ଏହି ଅଧ୍ୟୟନ କରାଯାଇଥିଲା। ବୋଷ୍ଟନ ୟୁନିଭର୍ସିଟି ସ୍କୁଲ୍ ଅଫ୍ ପବ୍ଲିକ୍ ହେଲ୍‌ଥ ସହ ପବ୍ଲିକ୍ ହେଲ୍‌ଥ ଫାଉଣ୍ଡେଶନ ଅଫ୍ ଇଣ୍ଡିଆ, ନୂଆଦିଲ୍ଲୀର ସେଚ୍ଛିଲ ଗଣେଶ ଏବଂ ଶକ୍ତିଭେଲ୍ ସେଲଭରାଜ୍‌ଙ୍କ ଦ୍ୱାରା ଏହି ଗବେଷଣା କରାଯାଇଛି। ଏଥିପାଇଁ ଗବେଷକମାନେ ଫାର୍ମା–ଟ୍ରାକ୍‌ର ତଥ୍ୟକୁ ବିଶ୍ଳେଷଣ



କରିଥିଲେ। ପ୍ରାୟ ୫ ହଜାର ଫାର୍ମାସ୍ୟୁଟିକାଲ୍ (ଔଷଧ ପ୍ରସ୍ତୁତକାରୀ) କମ୍ପାନୀର ଉତ୍ପାଦ ରଖୁଥିବା ୯ ହଜାର ଷ୍ଟକିଷ୍ଟଙ୍କ ଠାରୁ ଡାଟା ସଂଗ୍ରହ କରାଯାଇଥିଲା। ସାଧାରଣତଃ ଶରୀରରେ ଜୀବାଣୁ ବା ବ୍ୟାକ୍ଟେରିଆଜନିତ ସଂକ୍ରମଣ ରୋକିବା ପାଇଁ ଆଣ୍ଟିବାୟୋଟିକ୍ ବ୍ୟବହାର କରାଯାଏ। ରିସର୍ଚ୍ଚରୁ ଜଣାପଡ଼ିଛି, ଆଜିଥ୍ରୋମାଇସିନ୍ ୫୦୦ ଏମ୍‌ଜିକୁ ଭାରତରେ ସର୍ବାଧିକ ସେବନ କରାଯାଇଥିବାବେଳେ ଏହା ତଳକୁ ସେଫିକ୍ସିମି ୨୦୦ ଏମ୍‌ଜି ଟାବ୍‌ଲେଟ୍ ରହିଛି। ଆମେରିକା, ୟୁରୋପ ଭଳି ଭାରତରେ ଆଣ୍ଟିବାୟୋଟିକ୍ ବ୍ୟବହାରର ☞ପୃଷ୍ଠା–୪




# ବରଦାୟିନୀ ମା’ ଭଗବତୀ

୫୦୦ବର୍ଷର ପୀଠ

**ଉତ୍କଳବନ୍ଧୁ ପଣ୍ଡା**
ଖଇରା, ୭।୯

ବାଲେଶ୍ୱର ଜିଲା ଖଇରା ବ୍ଲକ ବରଦା ଅଞ୍ଚଳର ଆରାଧ୍ୟା ଦେବୀ ମା’ ଭଗବତୀ। ଭଦ୍ରକ ମୋଟେଲ ଛକରୁ କାଉପୁର ରାସ୍ତା ଦେଇ ଯିବା ବେଳେ ବାଟରେ ପଡେ। ବାଲେଶ୍ୱର ଜିଲା ଗରସଙ୍ଗ ଅନ୍ତରା ବଜାର ଦେଇ ମଧ୍ୟ ବରଦା ଯିବାକୁ ରାସ୍ତା ରହିଛି। ବାଲେଶ୍ୱର ଭଦ୍ରକ ଦୁଇ ଜିଲା ସୀମାନ୍ତରେ ଅବସ୍ଥିତ ଏହି ପ୍ରାଚୀନ ପୀଠର ଅନେକ କିମ୍ବଦନ୍ତୀ ରହିଛି। ପ୍ରତ୍ୟକ୍ଷଦେବୀ ଭାବେ ଭକ୍ତଙ୍କ ମନ କଥା ଜାଣି ବର ଦେଉଥିବା ନେଇ ବିଶ୍ୱାସ ରହିଛି।

ବରଦାୟିନୀ ମା’ ଭଗବତୀଙ୍କ ନାମରୁ ଗ୍ରାମର ନାମ ବରଦା ହୋଇଛି। ଏହି ମନ୍ଦିର ୫ଶହ ବର୍ଷ ତଳର ପୁରୁଣା ବୋଲି ସ୍ଥାନୀୟ ବାସିନ୍ଦା ଦାବି କରନ୍ତି । ପ୍ରବାଦ ଅନୁଯାୟୀ ଷୋଡଶ ଶତାବ୍ଦୀରେ କଳାପାହାଡ ବଙ୍ଗରୁ



ବରଦାର ପ୍ରସିଦ୍ଧ ଭଗବତୀ ପୀଠ।

ଆସି ଓଡିଶାରେ ତାଣ୍ଡବ ଲୀଳା ଘଟାଇ ବିଭିନ୍ନ ମନ୍ଦିର ତଥା ଦେବୀଦେବତାଙ୍କ ମୂର୍ତ୍ତୀ ଭାଙ୍ଗୁଥିବା ବେଳେ ବରଦାର ମା’ ଭଗବତୀ ପୀଠକୁ ଆସି ମା’ଙ୍କ ମୂର୍ତ୍ତୀରୁ ନାକ ଛେଦନ କରିଥିଲେ। ଏବେ ମଧ୍ୟ ମା’ଙ୍କ ମୂର୍ତ୍ତୀ ନାକରେ କଟାଦାଗ ଥିବା ଦେଖିବାକୁ ମିଳେ । ଏଠାକାର ସ୍ୱତନ୍ତ୍ରତା ହେଉଛି ମନ୍ଦିରରେ କୌଣସି ବଳି ପଡେନାହିଁ ଏବଂ ମା’ ପରମ ବୈଷ୍ଣବୀ ଭାବେ ପୂଜା ପାଇଥାନ୍ତି। କଳା ମୁଗୁନି ପଥରରେ ନିର୍ମିତ ହୋଇଥିବା ମା’ଙ୍କ ମୂର୍ତ୍ତି ଓ ପୁରୁଣା କଳା କାରିଗରିରେ ତିଆରି ମନ୍ଦିରରୁ ଏହା କେତେ ପୁରୁଣା ଅନୁମାନ କରାଯାଇପାରେ। ଯିଏ ଯେମିତି ଭାବେ ଅସୁବିଧାରେ ପଡି ମା’ଙ୍କୁ ଡାକେ ମା’ ନିଶ୍ଚୟ ତାର ମାନସିକ ପୂରଣ କରିଥାନ୍ତି ବୋଲି ପୂଜକ କାର୍ତ୍ତିକ ଚନ୍ଦ୍ର ବାରିକ କହିଥାନ୍ତି। ବୁଢାବାପା ଧିନ୍ଦେଇ, ବାପା ମଦନମୋହନଙ୍କ ପରେ ସେ ୪୦ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ପୂଜା କରୁଛନ୍ତି । ହଜାର ହଜାର ଭକ୍ତଙ୍କ ମାନସିକ ପୂରଣ ହୋଇପାରୁଥିବା ନେଇ ସେ କହିଛନ୍ତି । ମୁଖ୍ୟପର୍ବ ଭାବେ ପଣା ସଂକ୍ରାନ୍ତି ପାଖାପାଖି ୧୫ଦିନ ଧରି ଚାଲିଥାଏ। ବାଲେଶ୍ୱର ଓ ଭଦ୍ରକ ଜିଲାର ବିଭିନ୍ନ ଅଞ୍ଚଳରୁ ସହସ୍ରାଧିକ ଭକ୍ତ ଯୋଗ ଦେଇଥାନ୍ତି। ମାନସିକଧାରୀ ଶତାଧିକ ଭକ୍ତ ଦେହରେ କଣ୍ଟାଫୋଡି ଉଡା ପାଟୁଆ ପର୍ବରେ ସାମିଲ ହୋଇଥାନ୍ତି । ସ୍ଥାନୀୟ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସଂସ୍କୃତିମନ୍ତ୍ରୀ ଥିବା ବେଳେ ଲୋକଙ୍କ ଯାତାୟାତ ସୁବିଧାକୁ ଦୃଷ୍ଟିରେ ରଖି ଏହାର ନିର୍ମାଣ କରାଯାଇଛି। ଏବେ ନିକଟରେ ରୂପାନ୍ତରଣ କାର୍ଯ୍ୟ ପାଇଁ ବିଧାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ପାଇଁ ନକ୍ସା ପ୍ରସ୍ତୁତ କରାଯିବା ସହ ଶିଳାନ୍ୟାସ କାମ ମଧ୍ୟ ଶେଷ ହୋଇଛି । ମା’ ଙ୍କର ବିଭିନ୍ନ ଯାନିଯାତ୍ରା ପାଇଁ ପଞ୍ଚାୟତ ତରଫରୁ ଏକ କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ସ୍ଥାନୀୟ ସରପଞ୍ଚ ପରୀକ୍ଷିତ ମହାପାତ୍ର କହିଛନ୍ତି। ମା’ଙ୍କର ମହିମା ଅନେକ। କେବଳ ମଫସଲ ଅଞ୍ଚଳରେ ଥିବାରୁ ମନ୍ଦିର ସମ୍ପର୍କରେ ଲୋକ ଜାଣି ପାରୁ ନ ଥିବା ଗ୍ରାମର ପୁରୁଖା ବ୍ୟକ୍ତି ବ୍ରଜକିଶୋର ମହାନ୍ତି କହିଛନ୍ତି।

# ଗରିବଙ୍କ ସାଥୀ ଅମୀର

## ରକ୍ତ ଦେଇ ବଞ୍ଚାଉଛନ୍ତି ଜୀବନ



**ସ୍ମାରକ ମାଝୀ**
ମୋରଡ଼ା,୭।୯

ରକ୍ତଦାନ କରି ଜୀବନ ବଞ୍ଚାଅ। ଏହି ବାର୍ତ୍ତାକୁ ନେଇ ଆଗେଇ ଚାଲିଛନ୍ତି ସେ। ଗରିବ, ନିଃସହାୟଙ୍କ ସମେତ ଆବଶ୍ୟକ ସମୟରେ ରୋଗୀଙ୍କୁ ରକ୍ତଦାନ କରି କେବଳ ନିଜ ଅଞ୍ଚଳ ନୁହେଁ ସମଗ୍ର ଜିଲାରେ ବେଶ୍ ଜଣାଶୁଣା। ଏହିଭଳି ଭାବେ ଗରିବଙ୍କ ସାଥୀ ପାଲଟିଛନ୍ତି ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଚିତ୍ରଡ଼ାର ଅମୀର ଖାନ। ଚିତ୍ରଡ଼ା କଲେଜରେ ଅନୁଷ୍ଠିତ ଜାତୀୟ ସେବା ଯୋଜନାର ଏକ କ୍ୟାମ୍ପରେ ୧୮ ବର୍ଷ ବୟସରେ ପ୍ରଥମେ ସେ ରକ୍ତଦାନ କରିଥିଲେ। ପରେ ଏହି ରକ୍ତଦାନ ଅମୀରଙ୍କ ଏକ ଅଭ୍ୟାସରେ ପରିଣତ ହୋଇଯାଇଛି। ବର୍ତ୍ତମାନ ସୁଦ୍ଧା ସେ ୩୦ରୁ ଅଧିକ ଥର ରକ୍ତଦାନ କରିସାରିଲେଣି। ଏଥିପାଇଁ କାହାଠାରୁ ଟଙ୍କାଟେ ମଧ୍ୟ ନିଅନ୍ତି ନାହିଁ ବରଂ ରୋଗୀମାନଙ୍କ ପାଇଁ ସେ ନିଜେ କିଛି ଖର୍ଚ୍ଚ ବି ବହନ କରିଥାନ୍ତି। ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୦୧୫ରେ ଜିଲା ଏବଂ ୨୦୧୬ରେ ରାଜ୍ୟସ୍ତରରେ ସେ ପୁରସ୍କୃତ ହୋଇଛନ୍ତି। ୧୯୯୫ରେ ଏକ ଗରିବ ପରିବାରରେ ଜନ୍ମ ନେଇଥିବା ଅମୀର ଦିନେ ଜାଣି ନ ଥିଲେ ରକ୍ତଦାନ କରି ସାରା ଜିଲାରେ ପରିଚିତ ହେବେ। ପିଲା ବେଳୁ ଖେଳରେ ରୁଚି ରଖୁଥିବା ଅମୀର ହାଇସ୍କୁଲ କ୍ୟାରିଅରରେ କବାଡ଼ି ଖେଳ ପାଇଁ ରାଜ୍ୟସ୍ତରରେ ପରିଚିତ ହୋଇଥିଲେ। ଆଉ ଏବେ ସେ ପାଲଟିଛନ୍ତି ରୋଗୀଙ୍କ ଦରଦୀ ବନ୍ଧୁ।

ଅମୀର ନିଜସ୍ୱ ଉଦ୍ୟମରେ କିଛି ଯୁବ ଗୋଷ୍ଠୀଙ୍କୁ ନେଇ ରକ୍ତଦାନ ଶିବିର ଆୟୋଜନ କରି ଆସୁଛନ୍ତି। ବର୍ତ୍ତମାନ ସୁଦ୍ଧା ୧୮ରୁ ଅଧିକ ବ୍ଲଡ ଡୋନେଶନ କ୍ୟାମ୍ପ କରିଛନ୍ତି। କରୋନା ଭଳି ମହାମାରୀ ସମୟରେ ବ୍ଲଡ କ୍ୟାମ୍ପ ମାଧ୍ୟମରେ ୧୫୦ ୟୁନିଟ ରକ୍ତ ସଂଗ୍ରହ କରି ବାରିପଦା ରେଡକ୍ରସ ରକ୍ତ ଭଣ୍ଡାରକୁ ଦେଇଛନ୍ତି। ଏତିକିରେ ସରିନାହିଁ ଅମୀରଙ୍କ କାହାଣୀ। ବର୍ଷ ତମାମ ଯେଉଁ ଡାକ୍ତରଖାନରେ ରୋଗୀଙ୍କର ରକ୍ତ ଦରକାର ହୁଏ, ଖବର ପାଇ ଅମୀର ଓ ତାଙ୍କ ସହଯୋଗୀ ଆଗେଇ ଆସନ୍ତି। ତେବେ ଆଗକୁ ଏହିଭଳି ରକ୍ତଦାନ କାର୍ଯ୍ୟରେ ବ୍ରତୀ ରହିବେ ବୋଲି ଅମୀର କହିଛନ୍ତି।





















**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୧,୧୬,୦୬,୧୩୨ | ୬୫,୦୭,୮୮୮ | ୫୮,୯୩,୧୬,୮୩୩ |
| ଭାରତ | ୪,୪୪,୭୨,୨୪୧ | ୫,୨୮,୦୫୭ | ୪,୩୮,୯୩,୫୯୦ |
| ଓଡ଼ିଶା | ୧୩,୨୯,୨୦୩ | ୯୧୮୩(+୫୩) | ୧୩,୧୮,୩୫୧ |

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଖୁବ୍‌ଶୀଘ୍ର ପ୍ରକାଶ ପାଇବ ଓସିଏସ୍ ପରୀକ୍ଷାଫଳ

କଟକ ଅଫିସ, ୭।୯: ଓଡ଼ିଶା ସିଭିଲ ସର୍ଭିସ(ଓସିଏସ୍) ପରୀକ୍ଷାଫଳ ଚଳିତମାସ ଦ୍ୱିତୀୟ ସପ୍ତାହ ସୁଦ୍ଧା ପ୍ରକାଶ ପାଇବ। ଏଥିସହ ସେପ୍ଟେମ୍ବର ତୃତୀୟ ସପ୍ତାହରେ ସାକ୍ଷାତ୍‌କାର ଅନୁଷ୍ଠିତ ହେବ। ଏନେଇ ବୁଧବାର ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି)ର ଅଧ୍ୟକ୍ଷ ସତ୍ୟଜିତ୍ ମହାନ୍ତି ଟୁଇଟ୍ କରି ସୂଚନା ଦେଇଛନ୍ତି। ସେ ତାଙ୍କ ଟୁଇଟ୍‌ରେ ଲେଖିଛନ୍ତି, ୨୦୨୦ ଓସିଏସ୍ ଲିଖିତ ପରୀକ୍ଷା ଏହି ସପ୍ତାହାନ୍ତରେ ପ୍ରକାଶ ପାଇବ। ଏ ସମ୍ପର୍କିତ ଅଧିକ ତଥ୍ୟ ଓପିଏସ୍‌ସି ୱେବ୍‌ସାଇଟ (www.opsc.gov.in)ରେ ଉପଲବ୍ଧ ହେବ।

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ୪ ଜିଲାର ମିଶନ ଶକ୍ତି ମହିଳା

ଭୁବନେଶ୍ୱର,୭।୯(ବ୍ୟୁରୋ): ଯାଜପୁର, ପୁରୀ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାର ମିଶନ ଶକ୍ତି ଗୋଷ୍ଠୀର ମହିଳାମାନେ ବୁଧବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ଭେଟିଛନ୍ତି। ଅଗଷ୍ଟ ୧୫ରେ ୭୬ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ମହିଳାମାନେ ଜାତୀୟ ପତାକା ତିଆରି ଦାୟିତ୍ୱ ନେଇ ଦକ୍ଷତାର ସହ ତୁଲାଇଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ମିଶନ ଶକ୍ତିର ଏଭଳି କାର୍ଯ୍ୟକୁ ଉଚ୍ଚପ୍ରଶଂସା କରିଛନ୍ତି।

# ସହରାଞ୍ଚଳ ଆର୍ଥିକ ଦୁର୍ବଳ ବର୍ଗଙ୍କୁ ଘର

■ ସହାୟତା କରିବ ହାଉସ୍ ଆଲଟ୍‌ମେଣ୍ଟ ସିଷ୍ଟମ
■ ୧୦% ଇଡବ୍ଲ୍ୟୁଏସ୍ ଗୃହ ନିର୍ମାଣ ବାଧ୍ୟତାମୂଳକ

ଭୁବନେଶ୍ୱର, ୭।୯(ବ୍ୟୁରୋ)

ବାସଗୃହ ନ ଥିବା ସହରାଞ୍ଚଳ ଆର୍ଥିକ ଦୁର୍ବଳ ଶ୍ରେଣୀ (ଇଡବ୍ଲ୍ୟୁଏସ୍) ଲୋକଙ୍କୁ ଘର ମିଳିବ। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ 'ହାଉସିଂ ଫର୍ ଅଲ୍' ନୀତି ଆରମ୍ଭ କରାଯାଇଛି। ଏଥିପାଇଁ ଓଡ଼ିଶା ସହରାଞ୍ଚଳ ଗୃହ ନିର୍ମାଣ ମିଶନ (ଓୟୁଏଚ୍‌ଏମ୍) ପକ୍ଷରୁ ଏକ ସ୍ୱଚ୍ଛ ଓ ବୃତ୍ତିଭିତ୍ତିକ ପରିଚାଳନା ୱେବ୍ ସଫ୍ଟୱେର ଏବଂ ଆଣ୍ଡ୍ରଏଡ୍ ମୋବାଇଲଭିତ୍ତିକ ଆପ୍ଲିକେଶନ 'ହାଉସ୍ ଆଲଟମେଣ୍ଟ ସିଷ୍ଟମ'ର ବିକଶିତ କରାଯାଇଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏବଂ ଓୟୁଏଚ୍‌ଏମ୍‌ର ମିଳିତ ସହଯୋଗରେ ବିକାଶ କରାଯାଇଥିବା ଏହି ସିଷ୍ଟମକୁ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ଶୁଭାରମ୍ଭ କରିଛନ୍ତି।

ଏହି ବ୍ୟବସ୍ଥା ଦ୍ୱାରା ହାଉସିଂ ଫର୍ ଅଲ୍ ନୀତି ଅନୁଯାୟୀ ଯେଉଁ ପରିବାର ଘର ପାଇବାକୁ ଚାହୁଁଛନ୍ତି ସେମାନେ ପ୍ରଥମେ ପଞ୍ଜୀକରଣ କରିବେ। ହାଉସ୍ ଆଲଟମେଣ୍ଟ ସିଷ୍ଟମ ଜରିଆରେ ସ୍ୱଚ୍ଛତା ଓ ସାମାଜିକ ଅଡିଟିଂ କରାଯିବ। ଏଥିରୁ ସହରାଞ୍ଚଳରେ ଆର୍ଥିକ ଦୁର୍ବଳ ଶ୍ରେଣୀର କେତେ ପରିବାରର ଘର ନାହିଁ ତାହା ଜଣାପଡ଼ିବ। ଏହାଛଡ଼ା ଯେଉଁମାନେ ହାଉସିଂ ସ୍କିମ୍‌ରେ ଘର ପାଇଛନ୍ତି ସେମାନେ ମଧ୍ୟ ଏହି ବ୍ୟବସ୍ଥା ଜରିଆରେ ବିନା ଅସୁବିଧାରେ ଅନ୍‌ଲାଇନ୍ ପେମେଣ୍ଟ କରି ପାରିବେ। ବେସରକାରୀ ଗୃହ ନିର୍ମାଣକାରୀ ସଂସ୍ଥା ହେଉ କିମ୍ବା ସରକାରଙ୍କ ଡେଭେଲପ୍‌ମେଣ୍ଟ ଏଜେନ୍ସି ସେମାନଙ୍କ ହାଉସିଂ ପ୍ରକଳ୍ପରେ ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କ ପାଇଁ ୧୦% ଘର ନିର୍ମାଣ କରିବା ବାଧ୍ୟତାମୂଳକ କରାଯାଇଛି। 'ହାଉସିଂ ଫର୍ ଅଲ୍ ନୀତି' ଅନୁଯାୟୀ ୨୦୨୧-୨୨ ଆର୍ଥିକ ବର୍ଷ ସୁଦ୍ଧା ବିଭିନ୍ନ ସହରାଞ୍ଚଳରେ ପ୍ରାୟ ୧୫୦୦ ବାସଗୃହ ଇଡବ୍ଲ୍ୟୁଏସ୍‌ଙ୍କ ପାଇଁ ନିର୍ମାଣ କରାଯାଇଛି। ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ହାଉସ୍ ଆଲଟମେଣ୍ଟ ସିଷ୍ଟମ ହିତାଧିକାରୀଙ୍କୁ ପଞ୍ଜୀକରଣଠାରୁ ଆରମ୍ଭ କରି ଘର ମିଳିବା ପର୍ଯ୍ୟନ୍ତ ସହାୟତା କରିବ। ବିଡିଏ ଉପାଧ୍ୟକ୍ଷ ସଞ୍ଜୟ ସିଂ କହିଛନ୍ତି, ଏହି ଆପ୍ଲିକେଶନ ହିତାଧିକାରୀଙ୍କୁ ଘର କିଣାରେ ସହାୟତା କରିବ।

## ଚାଲାଣ ବେଳେ ୮୭ କଇଁଛ ଉଦ୍ଧାର



ଜଳେଶ୍ୱର,୭।୯(ଡି.ଏନ.ଏ.)

ପଶ୍ଚିମବଙ୍ଗକୁ ଚୋରାଚାଲାଣ ବେଳେ ବନ ବିଭାଗ ୮୭ କଇଁଛ ଉଦ୍ଧାର କରିଛି। ମଙ୍ଗଳବାର ବିଳମ୍ବିତ ରାତିରେ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ୬୦ନଂ. ଜାତୀୟ ରାଜପଥର ସୁବର୍ଣ୍ଣରେଖା ପୋଲ ନିକଟରେ ବନ ବିଭାଗ ଚଢ଼ାଉ କରିଥିଲା। ଜଣେ ଯୁବକ ବାଇକ୍‌ରେ କଇଁଛ ନେଉଯାଉଥିବା ବେଳେ ଧରାପଡ଼ିଥିଲେ। ବନ କର୍ମଚାରୀ ତାଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଅଟକ ଯୁବକ ହେଲେ ଦାନ୍ତୁନ ଥାନା କୋରିଆ ଗାଁର ଦେବବ୍ରତ ଦେ (୩୨)। କଇଁଛ ଚାଲାଣ ପଛରେ ଏକ ବଡ଼ ରାକେଟ କାମ କରୁଥିବା ଅନୁମାନ କରାଯାଉଛି। ବାଲେଶ୍ୱର ଜିଲା ବନ ବିଭାଗ ଏସିଏଫ୍ ଦିଶାନ୍ତ ଶୋଭନ ଚାନ୍ଦ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

## ୮ ଆର୍‌ଟିଓରେ ସ୍ମାର୍ଟ କ୍ୟୁ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ

ଭୁବନେଶ୍ୱର, ୭।୯(ବ୍ୟୁରୋ): ରାଜ୍ୟର ଆଉ ୮ଟି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆର୍‌ଟିଓ)ରେ ନାଗରିକ ଅଭିଜ୍ଞତାକୁ ଉନ୍ନତ କରିବା ପାଇଁ ସ୍ମାର୍ଟ କ୍ୟୁ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ ପ୍ରଣୟନ କରାଯାଇଛି। ସେହି ଆର୍‌ଟିଓଗୁଡ଼ିକ ହେଲା ବୌଦ୍ଧ, ଗଜପତି, ନବରଙ୍ଗପୁର, ଫୁଲବାଣୀ, ରାୟଗଡ଼ା, ବାରିପଦା, ମାଲକାନଗିରି ଏବଂ ଚଣ୍ଡିଖୋଲ। ଏହି ବ୍ୟବସ୍ଥା କମ୍ ସମୟରେ ଅଧିକ ଗ୍ରାହକ ସନ୍ତୁଷ୍ଟିକୁ ସୁନିଶ୍ଚିତ କରେ। ଏହି ବ୍ୟବସ୍ଥାରେ ବିଭିନ୍ନ ସେବା ପାଇବାକୁ ଆସୁଥିବା ଗ୍ରାହକଙ୍କ ଧାଡ଼ି ପରିଚାଳନା ପାଇଁ ସହାୟକ ଅଟେ। ଏହା ଲାଇସେନ୍ସ ପ୍ରଦାନ, ଯାନ ପଞ୍ଜୀକରଣ, ଟିକସ ଦେୟ ଇତ୍ୟାଦି ପ୍ରକ୍ରିୟାକୁ ସରଳ ଓ ଦ୍ରୁତଗତିରେ ଟ୍ରାକ୍ କରିଥାଏ ବୋଲି ପରିବହନ ବିଭାଗ ଅତିରିକ୍ତ କମିଶନର ଧନଞ୍ଜୟ ସେନାପତି କହିଛନ୍ତି।

## କେଉଁଠି ସଫଳ, କେଉଁଠି ପ୍ରଭାବଶୂନ୍ୟ

**ସ୍ୱତନ୍ତ୍ର କୋଶଳ ପ୍ରଦେଶ ଗଠନ ଦାବି**



ସମ୍ବଲପୁର ଗଙ୍ଗାଧର ମେହେର ଛକରେ ବନ୍ଦ ପ୍ରଭାବଶୂନ୍ୟ।

ସମ୍ବଲପୁର, ୭।୯(ବ୍ୟୁରୋ)

ସ୍ୱତନ୍ତ୍ର କୋଶଳ ପ୍ରଦେଶ ଗଠନ ଦାବିରେ କୋସଳ ସେନା ଓ କୋଶଳ ରାଏଜ ମୁକ୍ତି ମୋର୍ଚ୍ଚା ପକ୍ଷରୁ ବୁଧବାର ପଶ୍ଚିମ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ସୁବର୍ଣ୍ଣପୁର, ବଲାଙ୍ଗୀର,ବରଗଡ଼ ଜିଲାରେ ବନ୍ଦର ପ୍ରଭାବ ଅନୁଭୂତ ହୋଇଥିବାବେଳେ କଳାହାଣ୍ଡି ଓ ନୂଆପଡ଼ା ଜିଲାରେ ଆଂଶିକ ପ୍ରଭାବ ରହିଥିଲା। ସମ୍ବଲପୁର, ଦେବଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ବୌଦ୍ଧ ଜିଲାରେ ବନ୍ଦ ପ୍ରଭାବଶୂନ୍ୟ ରହିଥିଲା। ସମ୍ବଲପୁରରେ ବନ୍ଦ ଡାକରାକୁ ବିରୋଧ କରୁଥିବା ୭୦ ଅନୁଷ୍ଠାନର ସଦସ୍ୟ ପୂର୍ବାହ୍ନରେ ବିଭିନ୍ନ ସ୍ଥାନକୁ ଯାଇ ପିକେଟିଂ କରିଥିଲେ। ସେମାନେ ରେଲେୱେ ଷ୍ଟେଶନରେ ପହଞ୍ଚି ଟ୍ରେନ୍ ଚଳାଚଳରେ ସହଯୋଗ କରିଥିଲେ। କୋର୍ଟ କଚେରି, ସରକାରୀ ଅଫିସ, ସ୍କୁଲ କଲେଜ ଅନ୍ୟ ଦିନ ଭଳି ଖୋଲା ରହିଥିଲା। ସୁନ୍ଦରଗଡ଼ ଜିଲାରେ ଦୋକାନ ବଜାର, ସରକାରୀ ଅଫିସ ଖୋଲା ରହିଥିଲା।

## ଓଡ଼ିଶାର ବୟନଶିଳ୍ପ ଆକର୍ଷଣର କେନ୍ଦ୍ରବିନ୍ଦୁ: ମନ୍ତ୍ରୀ

**ନଭେମ୍ବର ୩୦ରୁ ୩ୟ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ**

ଭୁବନେଶ୍ୱର, ୭।୯(ବ୍ୟୁରୋ): ଭୁବନେଶ୍ୱରରେ ଆସନ୍ତା ନଭେମ୍ବର ୩୦ରୁ ଡିସେମ୍ବର ୪ ପର୍ଯ୍ୟନ୍ତ ୩ୟ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍-୨୦୨୨ ଅନୁଷ୍ଠିତ ହେବ। ରାଜ୍ୟ ବାହାରର ପୁଞ୍ଜିନିବେଶକାରୀଙ୍କୁ ଆମନ୍ତ୍ରଣ କରିବା ଏବଂ ଓଡ଼ିଶାର ବୟନ ଶିଳ୍ପକୁ ପ୍ରମୁଖ ସ୍ଥାନ ଦେବା ଲକ୍ଷ୍ୟରେ ବୁଧବାର କୋଲକାତାଠାରେ ଏକ ରୋଡ୍ ଶୋ'ର ଆୟୋଜନ କରାଯାଇଛି। ଏଥିରେ ଯୋଗଦେଇ ମନ୍ତ୍ରୀ ରୀତା ସାହୁ କହିଛନ୍ତି, ଓଡ଼ିଶାର ହସ୍ତତନ୍ତ ଓ ବୟନଶିଳ୍ପ ଆକର୍ଷଣର କେନ୍ଦ୍ରବିନ୍ଦୁ। ଏହି କ୍ଷେତ୍ରରେ ଅଧିକ ଅଭିବୃଦ୍ଧି ହାସଲ କରିବା ଲାଗି ଲକ୍ଷ୍ୟ ରଖାଯାଇଛି। ଓଡ଼ିଶାର ବୟନ ଓ ପୋଷାକ ଶିଳ୍ପ କ୍ଷେତ୍ରରେ ପୁଞ୍ଜିନିବେଶକାରୀମାନେ ଅଧିକ ପୁଞ୍ଜି ବିନିଯୋଗ କରିବାକୁ ମନ୍ତ୍ରୀ ସାହୁ ଆହ୍ୱାନ ଦେଇଛନ୍ତି। ବିଭାଗୀୟ ସଚିବ ଶୁଭା ଶର୍ମା ଉପସ୍ଥିତ ନିବେଶକଙ୍କୁ 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍-୨୦୨୨'ରେ ପ୍ରତ୍ୟକ୍ଷ ଭାବେ ଯୋଗଦେଇ ଓଡ଼ିଶାରେ ଉପଲବ୍ଧ ଥିବା ସୁଯୋଗ ସମ୍ପର୍କରେ ଅବଗତ ହେବା ପାଇଁ ଅନୁରୋଧ କରିଛନ୍ତି। ଓଡ଼ିଶା ବୟନ ନୀତି (ଟେକ୍ସଟାଇଲ୍ ପଲିସି) ଏକ ସର୍ବୋତ୍ତମ ଶିଳ୍ପନୀତି ଭାବେ ପରିଗଣିତ ବୋଲି ସଚିବ ଶର୍ମା କହିଥିଲେ। ଏହି ରୋଡ୍ ଶୋ'ରେ ୧୫୦ରୁ ଅଧିକ ଶିଳ୍ପ ପ୍ରତିନିଧି ଓ ଟେକ୍ସଟାଇଲ୍ ଏବଂ ଆପାରେଲ୍ ଇଣ୍ଡଷ୍ଟ୍ରିର ୧୫ ଜଣ ପ୍ରତିନିଧି ଯୋଗଦାନ କରିଥିଲେ।

# ଘୋଷଣା ଅଧିକ, ଖର୍ଚ୍ଚ କମ୍

**ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ**
**ଲୋକଙ୍କୁ ଭୁଆଁ ବୁଲାଉଛନ୍ତି କେନ୍ଦ୍ର ଓ ରାଜ୍ୟ ସରକାର**

ବଲାଙ୍ଗୀର ଅଫିସ, ୭।୯

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ଚରମ ଅବହେଳାର ପ୍ରକଳ୍ପ ହୋଇଯାଇଛି। ଏହି ପ୍ରକଳ୍ପ ପାଇଁ ଯେତିକି ଟଙ୍କା ବଜେଟରେ ଘୋଷଣା କରାଯାଉଛି, ସେତିକି ଟଙ୍କା ଖର୍ଚ୍ଚ ହେଉନାହିଁ। ରେଳମନ୍ତ୍ରୀ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିଲେ ମଧ୍ୟ ଖୋର୍ଦ୍ଧା-ବଲାଙ୍ଗୀର ରେଳପ୍ରକଳ୍ପ ଇଞ୍ଚେ ଆଗକୁ ଗଡ଼ି ନାହିଁ। ବଲାଙ୍ଗୀରର ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡା ସୂଚନା ଅଧିକାର ଆଇନ ଜରିଆରେ ପାଇଥିବା ତଥ୍ୟକୁ ଏକ ଖବରଦାତା ସମ୍ମିଳନୀ କରି ସାର୍ବଜନୀନ କରିଛନ୍ତି।

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ନିର୍ମାଣ ପାଇଁ ୨୦୨୧-୨୨ ଆର୍ଥିକ ବର୍ଷ ବଜେଟରେ ୧୦୫୦ କୋଟି ଓ ୨୦୨୨-୨୩ ବଜେଟରେ ୮୯୧ କୋଟି ଟଙ୍କା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଘୋଷଣା କରିଥିଲେ। କିନ୍ତୁ ସୂଚନା ଅଧିକାର ଆଇନ ଯୋଗେ ରେଳ ବିଭାଗରୁ ମିଳିଥିବା ତଥ୍ୟରୁ ଜଣାପଡିଛି ଯେ, ୨୦୨୧-୨୨ ବର୍ଷରେ ମାତ୍ର ୨୯୫ କୋଟି ୪୨ ଲକ୍ଷ ୩୯ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଚଳିତ ଆର୍ଥିକ ବର୍ଷର ଜୁଲାଇ ପର୍ଯ୍ୟନ୍ତ ଖର୍ଚ୍ଚ ହୋଇଛି ମାତ୍ର ୪୯ କୋଟି ୭୯ ଲକ୍ଷ ୯୮ ହଜାର ଟଙ୍କା। ୨୦୨୧-୨୨ ଓ ୨୦୨୨-୨୩ ବଜେଟରେ ଘୋଷଣା କରାଯାଇଥିବା ସମୁଦାୟ ୧୯୪୧ କୋଟିର ଲୋଭନୀୟ ଅର୍ଥରାଶି ବିଗତ ୨୦ ବର୍ଷ ମଧ୍ୟରେ ଖର୍ଚ୍ଚ କରାଯାଇ ନାହିଁ। ଅର୍ଥାତ୍ ୨୦୦୩-୦୪ ଆର୍ଥିକ ବର୍ଷରୁ ୨୦୨୨-୨୩ ଜୁଲାଇ ପର୍ଯ୍ୟନ୍ତ ରେଳପଥ ନିର୍ମାଣ କାର୍ଯ୍ୟରେ ଖର୍ଚ୍ଚ କରାଯାଇଛି ମାତ୍ର ୧୬୭୩ କୋଟି ୯୭ ଲକ୍ଷ ଟଙ୍କା। ଏହି ତଥ୍ୟକୁ ଅନୁଶୀଳନ କଲେ ଲୋଭନୀୟ ବଜେଟ ବ୍ୟୟ ଅଟକଳ ଘୋଷଣାଗୁଡିକ ଜନତାଙ୍କୁ ବିଭ୍ରାନ୍ତ କରିବା ପାଇଁ କରାଯାଉଛି। ସେହିପରି ରାଜ୍ୟ ସରକାର ୨୦୧୬-୧୭ରୁ ଏପର୍ଯ୍ୟନ୍ତ ୭ ବର୍ଷରେ ଏହି ରେଳପଥ ପାଇଁ ମାତ୍ର ୩୦୩ କୋଟି ୬୩ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି।

ଜମି ଅଧିଗ୍ରହଣକୁ ନେଇ ମଧ୍ୟ ସମଦଶା ହୋଇଛି। ଏହି ରେଳପଥ ପାଇଁ ତିନି କିସମର ଜମି ସରକାରୀ, ବେସରକାରୀ ଓ ଜଙ୍ଗଲ ଜମି ଅଧିଗ୍ରହଣ କରାଯାଉଛି। ରେଳପଥ ମଞ୍ଜୁରୀ ପାଇବା ଇତିମଧ୍ୟରେ ୩୦ ବର୍ଷ ବିତି ଯାଇଥିଲେ ମଧ୍ୟ ଏହି ତିନି କିସମ ଜମିକୁ ଏପର୍ଯ୍ୟନ୍ତ ଶହେ ପ୍ରତିଶତ ଅଧିଗ୍ରହଣ କରାଯାଇ ନାହିଁ। ୧୮୪୪.୪୦ ଏକର ଜଙ୍ଗଲ ଜମିରୁ ୧୬୭୪.୩୭ ଏକର ଜମିକୁ ଷ୍ଟେଜ ୨ ଅନୁମତି ମିଳିନାହିଁ। ମାତ୍ର ୧୭୦.୦୩ ଏକର ଜଙ୍ଗଲ ଜମିକୁ ଷ୍ଟେଜ୍ ୨ ଅନୁମତି ମିଳିଥିବା ବେଳେ ୨୦୫.୦୪ ଏକର ଜମିକୁ ଷ୍ଟେଜ ୧ ଅନୁମତି ମିଳିଛି। ବିଚ୍ଛୁପାଲିରୁ ପରବର୍ତ୍ତୀ ଷ୍ଟପେଜ ଝାରତରଭାକୁ ଆସନ୍ତା ଅକ୍ଟୋବରରେ ପରୀକ୍ଷାମୂଳକ ଭାବେ ରେଳ ଚଳାଚଳ କରିବ ବୋଲି ତଥ୍ୟରେ କୁହାଯାଇଛି। ବିଚ୍ଛୁପାଲିରୁ ଝାରତରଭାର ଦୂରତା ମାତ୍ର ୧୦ କିମି। ଏହା ୨୦୨୧ରେ କାର୍ଯ୍ୟକ୍ଷମ ହେବ ବୋଲି ପୂର୍ବରୁ ସ୍ଥିର କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଚ୍ଛୁପାଲି ପର୍ଯ୍ୟନ୍ତ ରେଳ ଚଳାଚଳକୁ ୨୦୧୯ ଜାନୁୟାରୀ ୧୫ ଦିନ ଲୋକାର୍ପଣ କରି ରେଳପଥର ନିର୍ମାଣ କାମ ତ୍ୱରାନ୍ୱିତ କରାଯିବ ବୋଲି କହିଥିଲେ। ହେଲେ ମାତ୍ର ୧୦ କିମି ଦୂରତା ମଧ୍ୟ ଧାର୍ଯ୍ୟ ସମୟରେ ସମ୍ପୂର୍ଣ୍ଣ ହେଲାନାହିଁ। ପ୍ରକଳ୍ପ ସମୁଦାୟ ଖର୍ଚ୍ଚ ଅଟକଳ ୩୭୯୧ କୋଟି ୬୬ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ରେଳପଥରେ ୧୬୭୩ କୋଟି ୯୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ବୋଲି ସୂଚନା କର୍ମୀ ପଣ୍ଡା କହିଥିଲେ। କଳାହାଣ୍ଡି ଜିଲାର ନର୍ଲାଠାରେ ପ୍ରସ୍ତାବିତ ଲୋକୋ ପିରିଓଡିକାଲ ଓଭରହଲିଙ୍ଗ କାରଖାନା ପାଇଁ ଗତ ବଜେଟରେ ୨ କୋଟି ଟଙ୍କା ଘୋଷଣା କରାଯାଇଥିଲା। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ମାତ୍ର ୩୧ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି। ପଶ୍ଚିମ ଓଡ଼ିଶା ପ୍ରତି ରେଳ ବିଭାଗର ଚରମ ଉଦାସୀନତା ବଳବତ୍ତର ରହିଛି ବୋଲି ପଣ୍ଡା କହିଛନ୍ତି।




## ପ୍ରଥମ ପର୍ଯ୍ୟାୟରେ ୧,୭୨,୮୮୫ ମନୋନୀତ

**ଯୁକ୍ତ୩ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ**
■ ୧୧ ପର୍ଯ୍ୟନ୍ତ ନାମଲେଖା
■ ୧୬ରେ ଦ୍ୱିତୀୟ ପର୍ଯ୍ୟାୟ ମେରିଟ୍ ଲିଷ୍ଟ

ଭୁବନେଶ୍ୱର, ୭।୯(ବ୍ୟୁରୋ)

ଚଳିତ ବର୍ଷ ରାଜ୍ୟର ଡିଗ୍ରୀ କଲେଜଗୁଡ଼ିକରେ ଯୁକ୍ତ୩ ନାମଲେଖା ପାଇଁ ବୁଧବାର ପ୍ରଥମ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ବା ମେଧା ତାଲିକା ପ୍ରକାଶ ପାଇଛି। ମୋଟ ୨,୫୧,୫୮୫ ସିଟ୍ ଲାଗି ୨,୫୫,୮୬୬ଜଣ ଆବେଦନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୧,୭୨,୮୮୫ଜଣ ମନୋନୀତ ହୋଇଛନ୍ତି। ୯୯,୦୧୧ଜଣ ଛାତ୍ରୀ, ୭୩,୮୫୦ଜଣ ଛାତ୍ର ଏବଂ ୨୪ଜଣ କିନ୍ନର ରହିଛନ୍ତି। କଳାରେ ୧,୭୧,୦୭୪, ବାଣିଜ୍ୟରେ ୨୪,୪୧୯, ଫିଜିକାଲ ସାଇନ୍ସରେ ୪୪,୪୮୨, ବାୟୋଲୋଜିକାଲ ସାଇନ୍ସରେ ୪୧,୧୧୩, ଶାସ୍ତ୍ରୀରେ ୬,୨୩୪ ଓ ଏସ୍‌ଏଫ୍‌ରେ ୭,୭୭୮ଜଣ ଆବେଦନ କରିଥିଲେ। କଳାରେ ୧,୦୫,୫୬୯ଜଣ ମନୋନୀତ ହୋଇଥିବାବେଳେ ବାଣିଜ୍ୟ ୧୮,୬୭୯, ଫିଜିକାଲ ସାଇନ୍ସ ୨୪,୫୬୧, ବାୟୋଲୋଜିକାଲ ସାଇନ୍ସ ୧୮,୨୬୯, ଶାସ୍ତ୍ରୀ ୪,୬୪୨ ଏବଂ ସେଲ୍ଫ ଫାଇନାନ୍ସିଂରେ ୧,୧୬୫ଜଣ ମନୋନୀତ ହୋଇଛନ୍ତି। ୨୯,୯୯୧ଜଣ ପ୍ରଥମ ଅପ୍ସନରୁ ଚୟନ ହୋଇଥିବାବେଳେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦରୁ ୧,୫୬,୦୮୭ଜଣ ଛାତ୍ରୀଛାତ୍ର ରହିଛନ୍ତି। ଛାତ୍ରୀଛାତ୍ରମାନେ କଟ୍ ଅଫ୍ ମାର୍କ ସମ୍ପର୍କିତ ସମସ୍ତ ତଥ୍ୟ ସାମ୍ସ ୱେବ୍‌ସାଇଟ୍ samsodisha.gov.inରୁ ପାଇପାରିବେ। ଏଥିସହ ପ୍ରଥମ ପର୍ଯ୍ୟାୟରେ ମନୋନୀତ ଛାତ୍ରୀଛାତ୍ରଙ୍କ ନାମଲେଖା ଆରମ୍ଭ ହୋଇଛି। ଆସନ୍ତା ୧୧ ତାରିଖ ଅପରାହ୍ଣ ୫ଟା ଯାଏ ନାମଲେଖା ଚାଲିବ। ୧୬ ତାରିଖ ଅପରାହ୍ଣ ୨ଟାରେ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ଦ୍ୱିତୀୟ ପର୍ଯ୍ୟାୟରେ ମନୋନୀତ ଛାତ୍ରୀଛାତ୍ର ୧୬ ତାରିଖ ଅପରାହ୍ଣ ୨ଟାରୁ ୧୯ତାରିଖ ଅପରାହ୍ଣ ୫ଟା ଭିତରେ ନାମ ଲେଖାଇବେ। ରବିବାର ମଧ୍ୟ ନାମଲେଖା ହେବ। ୨୮ତାରିଖ ଅପରାହ୍ଣ ୨ଟାରେ ସ୍ପଟ୍ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ ଓ ଅକ୍ଟୋବର ୧ ଅପରାହ୍ଣ ୫ଟା ଭିତରେ ସ୍ପଟ ନାମଲେଖା ହେବ।



## ବଜ୍ରପାତରେ ୩ ମୃତ

ଲୋଇସିଂହା, ୭।୯(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଦର ପଞ୍ଚାୟତ ଅନ୍ତର୍ଗତ ଜଡ଼ାମୁଣ୍ଡା ସ୍କୁଲ ପଡ଼ାରେ ବୁଧବାର ବଜ୍ରପାତରେ ୩ଜଣଙ୍କର ମୃତ୍ୟୁ ଘଟିଛି। ସେମାନେ ହେଲେ ପ୍ରଶାନ୍ତ ତାଣ୍ଡି(୨୭), କାହ୍ନୁ ମୁଣ୍ଡା (୨୦) ଓ ଚନ୍ଦନ ଝାଙ୍କର (୧୨)। ସନ୍ଧ୍ୟା ପ୍ରାୟ ୭ଟାରେ ସେମାନେ ଶୌଚ ପାଇଁ ଗାଁ ପୋଖରୀକୁ ଯାଇଥିଲେ। ଏହି ସମୟରେ ବର୍ଷା ସହ ବଜ୍ରପାତ ହେବାରୁ ସେମାନେ ଗୁରୁତର ହୋଇ ପଡିଥିଲେ। ଗାଁ ଲୋକେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟପନ୍ନ ହେବାରୁ ସେମାନଙ୍କୁ ବଲାଙ୍ଗୀର ନିଆଯିବାକୁ ପ୍ରସ୍ତୁତି ବେଳେ ସେମାନଙ୍କର ମୃତ୍ୟୁ ହୋଇ ଯାଇଥିଲା।

**ଆଜିର ମନ୍ତବ୍ୟ**

"୨୦୨୪ ସାଧାରଣ ନିର୍ବାଚନରେ କିଏ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବେ ତାହା ବଡ଼ କଥା ନୁହେଁ। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ସବୁ ବିରୋଧୀ ଦଳ ପ୍ରଥମେ ଏକାଠି ହେବା। -**ନୀତୀଶ କୁମାର, ବିହାର ମୁଖ୍ୟମନ୍ତ୍ରୀ**


## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ..............................



ଜିଉସ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟୋକାଙ୍କୁ ସୁନ୍ଦର ବସନ୍ତ ପଞ୍ଚମୀ**
**ଟୋକିଙ୍କୁ ସୁନ୍ଦର ନେତ,**
**ବୁଢ଼ୀଙ୍କୁ ସୁନ୍ଦର ରାଇ ଦାମୋଦର**
**ବୁଢ଼ାଙ୍କୁ ସୁନ୍ଦର ଶୀତ ।**

ବୟସ ଅନୁସାରେ ଲୋକଙ୍କ ରୁଚି ବଦଳିଯାଏ, ତାହାସହ ହାବଭାବରେ ମଧ୍ୟ ଅନେକ ପରିବର୍ତ୍ତନ ଆସିଥାଏ। ବିଭିନ୍ନ ସ୍ତରର ବ୍ୟକ୍ତିଙ୍କ ଭିନ୍ନ ଭିନ୍ନ ରୁଚି ପ୍ରତି ଆଗ୍ରହ ରହୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଟିଣ ଟାଙ୍ଗଣା ଲେମ୍ବୁ ରସ**
**ଯାଦୁ ନେଇ ବେଗେ ଯାଦୁରେ ଘଷ।**

ଲେମ୍ବୁର ଅନେକ ଔଷଧୀୟ ଗୁଣ ରହିଥିବାର ଜଣାଯାଇଥାଏ । ଯାଦୁ ସମ ଚର୍ମ ରୋଗ ହୋଇଥିବା ସ୍ଥାନରେ ଲେମ୍ବୁ ରସ ଘଷିଲେ ଯାଦୁ ଅଚିରେ ଭଲ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

# ଜଟଣୀରେ ହେବ ୨୦୦ ଶଯ୍ୟାର କ୍ୟାନ୍ସର ହସ୍ପିଟାଲ

■ ରାଜ୍ୟ ସରକାର ଓ ଟାଟା ମେମୋରିଆଲ ସେଣ୍ଟର ମଧ୍ୟରେ ଏମ୍ଓୟୁ

ଭୁବନେଶ୍ୱର, ୭।୯(ବ୍ୟୁରୋ)

ଜଟଣୀସ୍ଥିତ ନାଇଜର ପରିସରରେ ଏକ କ୍ୟାନ୍ସର ହସ୍ପିଟାଲ ସ୍ଥାପନ କରାଯିବ। ୨୦୦ ଶଯ୍ୟା ବିଶିଷ୍ଟ ଏହି ହସ୍ପିଟାଲ ପାଇଁ ରାଜ୍ୟ ସରକାର ଓ ଟାଟା କ୍ୟାନ୍ସର ମେମୋରିଆଲ ସେଣ୍ଟର ମଧ୍ୟରେ ବୁଧବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସଚିବ ଡା. ଅଜିତ କୁମାର ମହାନ୍ତି ଏବଂ ମୁମ୍ବାଇ ଟାଟା ମେମୋରିଆଲ ସେଣ୍ଟର ପକ୍ଷରୁ ଡା. ରାଜେନ୍ଦ୍ର ବାଡ୍ୱେ ଚୁକ୍ତି ସ୍ୱାକ୍ଷରିତ କରିଥିଲେ। ଏହି କ୍ୟାନ୍ସର ହସ୍ପିଟାଲ ପାଇଁ ମୋଟ ୬୫୦ କୋଟି ଟଙ୍କା ବ୍ୟୟ ହେବ। ଏହା ମଧ୍ୟରୁ ୪୦୦କୋଟି ଟଙ୍କା କେନ୍ଦ୍ର ସରକାରଙ୍କ ଆଣବିକ ଶକ୍ତି ମନ୍ତ୍ରଣାଳୟ ଏବଂ ୨୫୦ କୋଟି ଟଙ୍କା ଟାଟା ଟ୍ରଷ୍ଟ ଯୋଗାଇଦେବ। ରାଜ୍ୟ ସରକାର ହସ୍ପିଟାଲ ପାଇଁ ଜମି ଓ ଅନ୍ୟାନ୍ୟ ଭିତ୍ତିଭୂମି ଯୋଗାଇଦେବେ। ଏଥିସହିତ ରାଜ୍ୟ ସରକାର ରେଡିଓ ଆଇସୋଟୋପ୍ସ ନିମନ୍ତେ ଏକ ସାଇକ୍ଲୋଟ୍ରୋନ୍ ମେଶିନ ଯୋଗାଇଦେବେ। ପ୍ରଥମ ପର୍ଯ୍ୟାୟରେ ଏହି ହସ୍ପିଟାଲ ନିର୍ମାଣ ପାଇଁ ନାଇଜର ୧୭ ଏକର ଜମି ଦେବ। ପରେ ଏହାର ସମ୍ପ୍ରସାରଣ ପାଇଁ ରାଜ୍ୟ ସରକାର ଆଉ ୪୦ ଏକର ଜମି ଯୋଗାଇଦେବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଏହି କ୍ୟାନ୍ସର ହସ୍ପିଟାଲ କେବଳ ଓଡ଼ିଶାବାସୀ ନୁହନ୍ତି, ରାଜ୍ୟ ବାହାରର ରୋଗୀଙ୍କ ଚିକିତ୍ସା ଆବଶ୍ୟକତାକୁ ମଧ୍ୟ ମେଣ୍ଟାଇବ। ଏହି ହସ୍ପିଟାଲ ସ୍ଥାପନକୁ ସାକାର କରିଥିବାରୁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାର, ଟାଟା ଟ୍ରଷ୍ଟ ଓ ନାଇଜରକୁ କୃତଜ୍ଞତା ଜଣାଇଛନ୍ତି। ଏହି ପ୍ରକଳ୍ପ କେନ୍ଦ୍ର ସରକାର, ରାଜ୍ୟ ସରକାର ଓ ଘରୋଇ କ୍ଷେତ୍ର ମଧ୍ୟରେ ସମନ୍ୱୟର ଏକ ଉଦାହରଣ ପାଲଟିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ୫-ଟି ସଚିବ ଭି.କେ. ପାଣ୍ଡିଆନ, ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ନାଇଜର ନିର୍ଦ୍ଦେଶକ ପ୍ରଫେସର ସୁଧାକର ପଣ୍ଡା ଉପସ୍ଥିତ ଥିଲେ। ଏହି ହସ୍ପିଟାଲରେ ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଲାଗୁ ହେବ। ହସ୍ପିଟାଲ ପରିସରରେ ରାଜ୍ୟ ସରକାର ଏକ ଆହାର କେନ୍ଦ୍ର ମଧ୍ୟ ଖୋଲିବେ।




## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଏକାଦଶସ୍ଥ ଚନ୍ଦ୍ର ହେତୁ ଯାହା ଖୋଜୁଛନ୍ତି ତାହା ପାଇବେ ଏବଂ ଅଭିଳାଷ ନିଶ୍ଚିତ ପୂରଣ ହୋଇଯିବ। ଅଫିସରେ କୌଣସି ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକି ରହିଥିବା କାମରେ ଅଗ୍ରଗତି ଘଟିବ। ନୂତନ ଯୋଜନା ସକାଶେ ମନ ବଳାଇବେ। ପଡ଼ୋଶୀ କିମ୍ବା ସମ୍ପର୍କୀୟମାନେ କାଳେ ଦେବାକୁ ପଡ଼ିବ ଏହି ଚିନ୍ତାରେ ପାଖ ମାଡ଼ିବେ ନାହିଁ।

**ବୃଷ** ମଙ୍ଗଳ ରାଶିରେ ଅବସ୍ଥାନ କରୁଥିବାରୁ ଆଶା ପୂରଣ ହେବା କାରଣରୁ ମାନସିକ ଶାନ୍ତି ପାଇବେ। ପାରିବାରିକ କ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ବାଧ ହେବେ । କର୍ମକ୍ଷେତ୍ରରେ ଶୃଙ୍ଖଳା ରକ୍ଷା କରିବେ। କଳା, ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ର ପ୍ରଭୃତିରେ ପ୍ରଶଂସିତ ହେବେ ।

**ମିଥୁନ** ଆଜି ପୂର୍ବ ଯୋଜନା ଅନୁଯାୟୀ କର୍ମ କରିବାରେ ସମର୍ଥ ହେବେ । ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି, ଯାହାକି କଳହର କାରଣ ହୋଇପାରେ। ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାରକରି ଉଚିତ ପଦକ୍ଷେପ ନିଅନ୍ତୁ। ପାଖରେ ପାଇପାରୁ ନ ଥିବା ଫାଇଲପତ୍ର କିମ୍ବା କୌଣସି ଜିନିଷ ପାଇଁ ତର୍କ ଓ ବିବାଦ ବଢ଼ିପାରେ।

**କର୍କଟ** କର୍ମାଧିପ ଲାଭ ଭାବରେ ଥିବାରୁ ସବୁ କାମ ସମ୍ପନ୍ନ ହେବାରେ କୌଣସି ଅସୁବିଧା ହେବନାହିଁ। ନୂତନ କର୍ମାରମ୍ଭ ପ୍ରୀତିପଦ ହେବ। ନ୍ୟାୟୋଚିତ ପରାମର୍ଶ ଏବଂ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ତଥା ବନ୍ଧୁମାନଙ୍କ ମଧ୍ୟରେ ପ୍ରଶଂସିତ ହେବେ। ନିର୍ମାଣ, ବାଣିଜ୍ୟ ତଥା ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ।

**ସିଂହ** ରବି ଓ ବୁଧଙ୍କ ସ୍ଥିତିଜନିତ ଆଜି ଯାହା ପାଇବାକୁ ଇଚ୍ଛା କରୁଛନ୍ତି ତାହା ମିଳିବ । ଉଚ୍ଚ ପଦାଧିକାରୀଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ ଓ କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଅଂଶଗ୍ରହଣ କରିପାରନ୍ତି। ଅସଫଳତାର କାରଣ ଖୋଜିବାକୁ ଯାଇ ନିଜଲୋକଙ୍କୁ ଭୁଲ୍ ବୁଝିବେ। ପ୍ରଶାସନିକ ସ୍ତରରେ ସମସ୍ୟା ବୃଦ୍ଧି ପାଇବ।

**କନ୍ୟା** ପ୍ରତ୍ୟେକ କାର୍ଯ୍ୟ ବିବାଦୀୟ ହେବାରୁ ବ୍ୟସ୍ତତା ବୃଦ୍ଧି ପାଇପାରେ । ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ପ୍ରିୟ ବନ୍ଧୁଟି ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଇ ମଧ୍ୟ ପାଖ ମାଡିବେ ନାହିଁ। ଜମିଜମା କିଣାବିକା କିମ୍ବା ବ୍ୟବସାୟ ଓ ପରିବହନରେ ଝଗଡ଼ା ଲାଗିପାରେ।

**ତୁଳା** କର୍ମକ୍ଷେତ୍ରରେ ଦୀର୍ଘଦିନରୁ ଲାଗିରହିଥିବା ସମସ୍ୟା ସମାଧାନ ହେବ। ରାହୁଙ୍କ କୁପ୍ରଭାବରୁ ପରୋକ୍ଷ ଶତ୍ରୁତା ବାଧା ସୃଷ୍ଟି କରିପାରେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭକରିବେ। ପଡ଼ୋଶୀମାନେ ନିଜ ସ୍ୱାର୍ଥସାଧନ ମାନସରେ ବାକ୍ଚାତୁରି କଥା କହି କାର୍ଯ୍ୟ ହାସଲ କରିପାରନ୍ତି।

**ବିଛା** ଆଜିର ପ୍ରତ୍ୟୁଷ ଯାତ୍ରା ମନକୁ ଆହ୍ଲାଦିତ କରିବ କିନ୍ତୁ ଅନ୍ୟମନସ୍କ କାରଣରୁ ଟଙ୍କା ପଇସା ହଜି ଯାଇପାରେ। କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନ କରି ପ୍ରଶଂସିତ ହେବା ସହିତ ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। କାମହାସଲ ପାଇଁ କୌଣସି ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ।

**ଧନୁ** ନିଜର କାର୍ଯ୍ୟକଳାପ ଅନ୍ୟମାନଙ୍କ ପାଇଁ ଗାତ୍ରଦାହର କାରଣ ହୋଇପାରେ। ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ ହେବେ। ବନ୍ଧୁଙ୍କ ଜରିଆରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ, କିନ୍ତୁ ଏଥିପାଇଁ ବହୁତ ଚଣାଓଟରା ଲାଗିବ। ପରିବାରର ଇଚ୍ଛା ବିରୋଧରେ କାମ କରି ସମାଲୋଚିତ ହେବେ।

**ମକର** ସାମାନ୍ୟ ଅସୁସ୍ଥତାରୁ ମନଟା ଭଲ ଲାଗିବ ନାହିଁ, ଯାହାକି କାମକୁ ନିରୁତ୍ସାହିତ କରିବ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିବେ। ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। କର୍ମକ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିବେ ଏବଂ ପାରିବାରିକ ସ୍ଥିତି ପୂର୍ବପରି ରହିବ।

**କୁମ୍ଭ** ପାରିବାରିକ ଶୃଙ୍ଖଳା ରକ୍ଷାକରିବାରେ ସମ୍ପର୍କୀୟଙ୍କ ସହାୟତା ନେବାକୁ ପଡ଼ିପାରେ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। କେତେକ କ୍ଷେତ୍ରରେ ନୀରବ ରହିବାକୁ ବାଧ ହେବେ। କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି।

**ମୀନ** ପ୍ରତ୍ୟେକ କାର୍ଯ୍ୟାରମ୍ଭରେ ସାମାନ୍ୟ ଅସୁବିଧା ଦେଖାଦେଲେ ମଧ୍ୟ ପରକ୍ଷଣରେ ସବୁ ଠିକ୍ ହୋଇଯିବ। ହଠାତ୍ ଜରୁରୀ କାମରେ ବାହାରକୁ ଯିବାକୁ ପଡିପାରେ। ଅଫିସ କାମରେ କିମ୍ବା ରାଜନୈତିକ ସ୍ତରରେ ସମସ୍ୟା ବୃଦ୍ଧି ପାଇବା କାରଣରୁ ମାନସିକ ସୁସ୍ଥତା ରହିବ ନାହିଁ। ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ।

# ଦାରା ସିଂଙ୍କ ଜାମିନ ଆବେଦନ ଖାରଜ

କଟକ ଅଫିସ,୭।୯

ଫାଦର ଅରୁଲ ଦୋସ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ସଶ୍ରମ ଜେଲଦଣ୍ଡ ଭୋଗୁଥିବା ମୁଖ୍ୟ ଅଭିଯୁକ୍ତ ଦାରା ସିଂ ଓରଫ ରବୀନ୍ଦ୍ର କୁମାର ପାଲ୍ଙ୍କ ଜାମିନ୍ ଆବେଦନକୁ ହାଇକୋର୍ଟ ବୁଧବାର ଖାରଜ କରିଛନ୍ତି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଚିତ୍ତରଞ୍ଜନ ଦାଶଙ୍କ ଖଣ୍ଡପୀଠ ଦାରା ଓ ତାଙ୍କ ୩ ସହଯୋଗୀଙ୍କ ପ୍ରତି ତଳ କୋର୍ଟ ଦେଇଥିବା ଆଜୀବନ ସଶ୍ରମ କାରାଦଣ୍ଡାଦେଶ ରାୟକୁ କାଏମ ରଖିଛନ୍ତି। ଏଥିସହ ଜାମିନରେ ମୁକୁଳିଥିବା ଦାରାଙ୍କ ୩ ସହଯୋଗୀ ରାଜକିଶୋର ମହନ୍ତ, ଯଦୁନାଥ ମହନ୍ତ ଓ ଚେମା ହୋ ଆସନ୍ତା ସେପ୍ଟେମ୍ବର ୨୩ ତାରିଖ ସୁଦ୍ଧା ତଳକୋର୍ଟରେ ଆତ୍ମସମର୍ପଣ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆତ୍ମ ସମର୍ପଣ ନକଲେ ସ୍ଥାନୀୟ ଥାନାର ଆଇଆଇସି ସେମାନଙ୍କୁ ଗିରଫ କରିବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ହାଇକୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ଦାରା ସିଂଙ୍କ ପକ୍ଷରୁ ଆଇନଜୀବୀ ଚିତ୍ତରଞ୍ଜନ ସାହୁ, ଅନ୍ୟ ୩ ଦୋଷୀଙ୍କ ପକ୍ଷରୁ ଆଇନଜୀବୀ ଦେବାଶିଷ ପଣ୍ଡା ଏବଂ ସରକାରଙ୍କ ପକ୍ଷରୁ ଆଇନଜୀବୀ ଜନ୍ମେଜୟ କଟିକିଆ ମାମଲା ପରିଚାଳନା କରୁଥିଲେ।

ମାମଲାର ବିବରଣୀରୁ ପ୍ରକାଶ ଯେ, ୧୯୯୯ ସେପ୍ଟେମ୍ବର ୧ ତାରିଖ ରାତି ପ୍ରାୟ ୨ଟା ସମୟରେ ମୟୂରଭଞ୍ଜ ଜିଲା ମହୁଲଡିହା ଥାନା ଅନ୍ତର୍ଗତ ଜାମବଣି ଚର୍ଚ୍ଚ ସମ୍ମୁଖରେ କେତେକ ଖ୍ରୀଷ୍ଟିଆନ ଲୋକ ନୃତ୍ୟ କରୁଥିବାବେଳେ ଦାରା ସିଂଙ୍କ ସମେତ କେତେକ ବ୍ୟକ୍ତି ଧନୁ, ତୀର, ଲାଠି ଧରି ସଶସ୍ତ୍ର ବଳପୂର୍ବକ ଚର୍ଚ୍ଚ ଭିତରକୁ ପଶିଥିଲେ। ସେମାନେ ଚର୍ଚ୍ଚ ମଧ୍ୟରେ ଫାଦର ଅରୁଲ ଦୋସଙ୍କୁ ତୀର ମାରି ହତ୍ୟା କରିବା ପରେ ଚର୍ଚ୍ଚକୁ ଜାଳି ଦେଇଥିଲେ। ଏନେଇ ମହୁଲଡିହା ଥାନାରେ କେସ୍ ନଂ ୩୪/୧୯୯୯ ରୁଜୁ ହେବା ସହ ୨୧ ଜଣଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଯାଇଥିଲା। ଜିଲା ଦୌରାଜଜ୍ କୋର୍ଟରେ ମାମଲାର ବିଚାର ହୋଇ ୨୦୦୭ ସେପ୍ଟେମ୍ବର ୨୨ ତାରିଖରେ ରାୟ ପ୍ରକାଶ ପାଇଥିଲା। ଏଥିରେ କୋର୍ଟ ଦାରା ସିଂଙ୍କ ସମେତ ରାଜକିଶୋର ମହନ୍ତ, ଯଦୁନାଥ ମହନ୍ତ ଓ ଚେମା ହୋଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଅନ୍ୟ ୧୭ଜଣଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଥିଲେ। ପରବର୍ତ୍ତୀ ସମୟରେ ଦାରାଙ୍କ ୩ ସହଯୋଗୀ ହାଇକୋର୍ଟରେ ଜାମିନ ଆବେଦନ କରି ମୁକୁଳିଥିଲେ। ପରେ ଦାରା ଜାମିନ ଆବେଦନ କରିଥିଲେ ମଧ୍ୟ ତାହା ଖାରଜ ହୋଇଯାଇଛି। ଏଥିସହ ୪ ଅଭିଯୁକ୍ତଙ୍କ ବିରୋଧରେ ନିମ୍ନ ଅଦାଲତଙ୍କ ଦଣ୍ଡାଦେଶକୁ କାଏମ ରଖିବାକୁ ହାଇକୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି।

# ବିଧାୟକଙ୍କ ସ୍ୱାସ୍ଥ୍ୟବୀମା ୫ରୁ ୧୦ ଲକ୍ଷକୁ ବୃଦ୍ଧି

ଭୁବନେଶ୍ୱର, ୭।୯(ବ୍ୟୁରୋ)

ସ୍ୱାସ୍ଥ୍ୟବୀମା ଓ ଦରମା ବୃଦ୍ଧିକୁ ନେଇ ବିଭିନ୍ନ ସମୟରେ ଦଳଗତ ନିର୍ବିଶେଷରେ ବିଧାୟିକା ଓ ବିଧାୟକମାନେ ବିଧାନସଭାରେ ବାରମ୍ବାର ଦାବିକରି ଆସୁଥିଲେ। ଏହି ୨ ଦାବିରୁ ରାଜ୍ୟ ସରକାର ଗୋଟିଏକୁ ପୂରଣ କରିଛନ୍ତି। ଏ ଅବସରରେ ଓଡ଼ିଶା ବିଧାନସଭାର ବର୍ତ୍ତମାନ ଏବଂ ପୂର୍ବତନ ସଦସ୍ୟା ସଦସ୍ୟମାନଙ୍କ ସ୍ୱାସ୍ଥ୍ୟବୀମା ରାଶି ବୃଦ୍ଧି କରାଯାଇଛି। ଏହି ରାଶି ୫ ଲକ୍ଷରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଥିବା ଜଣାପଡ଼ିଛି। ଓଡ଼ିଶା ବିଧାନସଭାର ବାଚସ୍ପତି ବିକ୍ରମ କେଶରୀ ଆରୁଖ ବୁଧବାର ଏହି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ବିଧାନସଭାର ସଦସ୍ୟା ଓ ସଦସ୍ୟମାନଙ୍କ ମଧ୍ୟରୁ ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କୁ ବାଦ୍ ଦେଇ ମୋଟ ୧୨୪ ବିଧାୟକ/ବିଧାୟିକା ଏବଂ ତାଙ୍କର ୮୮ ଜଣ ସ୍ତ୍ରୀ କିମ୍ବା ସ୍ୱାମୀଙ୍କୁ ମିଶାଇ ମୋଟ୍ ୨୧୨ ଜଣଙ୍କୁ ଏହି ବର୍ଦ୍ଧିତ ସ୍ୱାସ୍ଥ୍ୟବୀମାର ସୁବିଧା ମିଳିବ । ଏଥିସହ ଓଡ଼ିଶା ବିଧାନସଭାର ୩୧୭ ଜଣ ପୂର୍ବତନ ବିଧାୟିକା/ବିଧାୟକ ଏବଂ ସେମାନଙ୍କର ୨୪୫ ଜଣ ପତି/ପତ୍ନୀ, ଏହିପରି ମୋଟ୍ ୫୬୨ ଜଣ ମଧ୍ୟ ଏହି ବର୍ଦ୍ଧିତ ସ୍ୱାସ୍ଥ୍ୟବୀମାର ସୁବିଧା ପାଇବେ।

## ପ୍ରଥମ ପୃଷ୍ଠାରୁ...

### ବନ୍ୟାରେ ୧୪,୨୩୫ ...

୪୨୫୪.୭୦ ଲକ୍ଷ, ଗୃହ ଓ ନଗର ଉନ୍ନୟନ ବିଭାଗ ୬୦୭.୭୨ ଲକ୍ଷ ଓ ଶକ୍ତି ବିଭାଗ ୫୦୩.୩୮ ଲକ୍ଷ ଟଙ୍କା ଆବଶ୍ୟକ ବୋଲି ଜଣାଇଛନ୍ତି। ବିପର୍ଯ୍ୟୟ ସହାୟତା ପାଣ୍ଠିର ସର୍ତ୍ତ ଓ ନିୟମାବଳୀ ଅନୁଯାୟୀ ସାଧାରଣ ସମ୍ପତ୍ତି କ୍ଷୟକ୍ଷତିର ତୁରନ୍ତ ପୁନରୁଦ୍ଧାର ପାଇଁ ଜଳସମ୍ପଦ ବିଭାଗକୁ ୪୩୫୩.୯୨ ଲକ୍ଷ, ପୂର୍ତ୍ତ ବିଭାଗକୁ ୧୩୬୭.୨୫ ଲକ୍ଷ, ଗ୍ରାମ୍ୟ ଉନ୍ନୟନ ବିଭାଗକୁ ୨୪୧୪.୩୭ ଲକ୍ଷ, ଗୃହ ଓ ନଗର ଉନ୍ନୟନ ବିଭାଗକୁ ୮୨.୪୬ ଲକ୍ଷ ଓ ଶକ୍ତି ବିଭାଗକୁ ୪୯୭.୫୧ ଲକ୍ଷ ଟଙ୍କା ବିପର୍ଯ୍ୟୟ ସହାୟତା ପାଣ୍ଠିରୁ ମଞ୍ଜୁର କରାଯାଇଛି। ସର୍ବମୋଟ୍ ୮୭୧୫.୫୧ ଲକ୍ଷ ଟଙ୍କା ଉକ୍ତ ବିଭାଗଗୁଡ଼ିକୁ ସାଧାରଣ ସମ୍ପତ୍ତିର ତୁରନ୍ତ ମରାମତି ଓ ପୁନରୁଦ୍ଧାର ଲାଗି ମଞ୍ଜୁର କରାଯାଇଛି।

### ରାଜ୍ୟରେ ହେବ ଖୋ ଖୋ ...

ସୁଇମିଂ, ଆଥ୍ଲେଟିକ୍ସ, ଭାରୋତ୍ତୋଳନ, ହକି, ଶୁଟିଂ, ବ୍ୟାଡ୍ମିଣ୍ଟନ ଓ ଫୁଟ୍ବଲ ଆଦିର ଏଚ୍ପିସି ଥିବାବେଳେ ଏଥିରେ ଯୋଡ଼ିହେବାକୁ ଯାଉଛି ଖୋ ଖୋ।

''ପାରମ୍ପରିକ କ୍ରୀଡ଼ା ଖୋ ଖୋ ଗ୍ରାମାଞ୍ଚଳରେ ସୀମିତ ରହିବା ସତ୍ତ୍ୱେ ଅଲ୍ଟିମେଟ ଖୋ ଖୋ ଲିଗ୍ରେ ଚାମ୍ପିୟନ ହୋଇ ତୁମେ ଇତିହାସ ରଚିଛ। ଆଗାମୀ ଦିନରେ ଏହା ସ୍ମରଣୀୟ ହେବା ସହ ଆଲୋଚନାର ବିଷୟ ରହିବ। ଏହାକୁ ପେସାଦାର କ୍ରୀଡ଼ା ଭାବେ ଆପଣାଇବାକୁ ଯୁବପିଢ଼ି ଆଗ୍ରହ ପ୍ରକାଶ କରିବେ। ଲୋକମାନେ ଏବେ ଅଲ୍ଟିମେଟ ଖୋ ଖୋ ଏବଂ ଓଡ଼ିଶା ଜଗରନଟ୍ସ ସମ୍ପର୍କରେ ଆଲୋଚନା କରୁଛନ୍ତି। ଓଡ଼ିଶା ଦଳ ପାଇଁ ଆମେ ଗର୍ବ ଅନୁଭବ କରୁଛୁ। ଆଗାମୀ ଦିନରେ ଆହୁରି ସଫଳତା ପାଇଁ ମୁଁ ଶୁଭକାମନା ଜଣାଉଛି'' ବୋଲି ଚାମ୍ପିୟନ ଦଳ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଏହି ଅବସରରେ ଅଲ୍ଟିମେଟ ଖୋ ଖୋ ସିଇଓ ତେନଜିଂ ନିୟୋଗି ମୁଖ୍ୟମନ୍ତ୍ରୀଙ୍କୁ ଦଳର ଏକ ସ୍ୱର୍ଣ୍ଣ ପଦକ ପ୍ରଦାନ କରିଥିଲେ। ଗତ ଅଲ୍ଟିମେଟ ଖୋ ଖୋ ଲିଗ୍ରେ ଓଡ଼ିଶା ଜଗରନଟ୍ସ ଦଳ ଅପୂର୍ବ ଉତ୍ସାହର ସହ ଖେଳି ଅଧିକାଂଶ ସମୟ ଟେବୁଲ ଟପ୍ପର ରହିଥିଲା। ଫାଇନାଲର ଅନ୍ତିମ ସେକେଣ୍ଡରେ ତେଲୁଗୁ ଯୋଦ୍ଧାସ୍କୁ ଚକ୍ମା ଦେଇ ବିଜୟ ମୁକୁଟ ପିନ୍ଧିଥିଲା। ଓଡ଼ିଶାର ଅଗଣିତ ପ୍ରଶଂସକଙ୍କ ସ୍ୱପ୍ନକୁ ସେମାନେ ସାକାର କରିଥିଲେ। ଅନ୍ୟପକ୍ଷରେ ଖୋ ଖୋ ଖେଳ ପ୍ରତି ଓଡ଼ିଶା ସରକାରଙ୍କ ଆଭିମୁଖ୍ୟ ଏବଂ ଆଗ୍ରହକୁ ଭାରତୀୟ ଖୋ ଖୋ ଫେଡେରେଶନ ସଭାପତି ସୁଧାଂଶୁ ମିତ୍ତଲ ପ୍ରଶଂସା କରିଥିଲେ। ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟ ଖୋ ଖୋକୁ ଏପରି ସମର୍ଥନ ଜଣାଇବା ଆବଶ୍ୟକ ବୋଲି ସେ କହିଥିଲେ। ଓଡ଼ିଶା ଦଳର ସଫଳତାରେ ଖୁସି ଜାହିର କରିଥିଲେ ଅଲ୍ଟିମେଟ ଖୋ ଖୋ ଲିଗ୍ ସିଇଓ ଓ କମିଶନର ତେନଜିଂ ନିୟୋଗୀ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଉନ୍ନୟନ କମିଶନର ପି.କେ. ଜେନା, ହକି ପ୍ରମୋଶନ କାଉନ୍ସିଲ ଅଧ୍ୟକ୍ଷ ଦିଲୀପ ତିର୍କୀ, କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା ଏବଂ ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ୧୧୦ ସ୍ଥାନରେ ଆଇଟି ...

ନିରପେକ୍ଷ ଓ ସ୍ୱାଧୀନ ଅନୁଷ୍ଠାନ ଭାବେ ଅଭିହିତ କରି କୌଣସି ଜାଲିଆତିରେ ସମ୍ପୃକ୍ତି ଥିବା ବିଷୟକୁ ଖଣ୍ଡନ କରିଛି। ଶିକ୍ଷାବିତ୍ ପ୍ରତାପଭାନୁ ମେହେଟ୍ଟା ଏହାର ପୂର୍ବତନ ଅଧ୍ୟକ୍ଷ ଥିବାବେଳେ ବର୍ତ୍ତମାନ ୟାମିନୀ ଆୟର ସଂସ୍ଥାର ଅଧ୍ୟକ୍ଷା ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ପଦରେ ଅଛନ୍ତି। ଇତିମଧ୍ୟରେ ଅକ୍ସଫାମ୍ ଅଫିସ ଉପରେ ମଧ୍ୟ ଚଢ଼ାଉ କରାଯାଇଛି। ଅକ୍ସଫାମ୍ ଇଣ୍ଡିଆ ହେଉଛି ଏକ ଅଣଲାଭକାରୀ ସଂସ୍ଥା, ଯାହାକି ଇଣ୍ଡିଆନ୍ କମ୍ପାନିଜ୍ ଆକ୍ଟ, ୨୦୧୩ ବଳରେ ପ୍ରତିଷ୍ଠିତ। ୧୯୫୧ରେ ଗଠନ କରାଯାଇଥିବା ଅକ୍ସଫାମ୍ ଇଣ୍ଡିଆ ନଲେଜ ବିଲ୍ଡିଂ, ପବ୍ଲିକ୍ କ୍ୟାମ୍ପେନିଂ ଓ ବିପର୍ଯ୍ୟୟ ପରିଚାଳନା ଭଳି କାର୍ଯ୍ୟରେ ନିୟୋଜିତ ଥିବା ନିଜ ୱେବ୍ସାଇଟ୍ରେ ଦର୍ଶାଇଛି। ସେପଟେ ବେଙ୍ଗାଲୁରୁସ୍ଥିତ ଇଣ୍ଡିପେଣ୍ଡେଣ୍ଟ ଆଣ୍ଡ ପବ୍ଲିକ୍ ସ୍ପିରିଟେଡ୍ ମିଡିଆ ଫାଉଣ୍ଡେଶନ ଅଫିସ ବିରୋଧରେ ମଧ୍ୟ ଅନୁରୂପ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ତେବେ ଏହି କାର୍ଯ୍ୟାନୁଷ୍ଠାନ ନେଇ ଆୟକର ବିଭାଗ ପକ୍ଷରୁ କୌଣସି ଆନୁଷ୍ଠାନିକ ସୂଚନା ଦିଆଯାଇ ନାହିଁ।

### ୪୭% ଆଣ୍ଟିବାୟୋଟିକ୍କୁ ...

ତଦାରଖ କରିବା ପାଇଁ କୌଣସି ବିଧିବଦ୍ଧ ବ୍ୟବସ୍ଥା ନାହିଁ। ଘରୋଇ ସେକ୍ଟରରେ ୮୫ରୁ ୯୦% ଆଣ୍ଟିବାୟୋଟିକ୍ ବ୍ୟବହାର କରାଯାଉଛି। ଔଷଧ ସେବନକୁ ଏହାର ମୂଲ୍ୟ, ସଂଖ୍ୟା ଓ ଡାକ୍ତରଙ୍କ ଦ୍ୱାରା ନିର୍ଦ୍ଧାରିତ ପରିମାଣ ଆଧାରରେ ହିସାବ କରାଯାଇଥାଏ। ଏହା ବିଭିନ୍ନ ଦେଶ ଓ ଅଞ୍ଚଳରେ ଭିନ୍ନ ଭିନ୍ନ ରହିଥାଏ। ଅନ୍ତର୍ଜାତୀୟ ସ୍ତରରେ ଏହାର ଆକଳନ ପାଇଁ ଡିଫାଇଣ୍ଡ ଡେଲି ଡୋଜ୍ (ଡିଡିଡି) ପ୍ରସ୍ତୁତ କରାଯାଇଛି। ବୟସ୍କମାନେ ଏକ ନିର୍ଦ୍ଦିଷ୍ଟ ଔଷଧକୁ ଦୈନିକ ହାରାହାରି କେତେ ମାତ୍ରାରେ ସେବନ କରନ୍ତି ତାହା ଏହି ମାପକାଠିରୁ ସ୍ପଷ୍ଟ ହୋଇଥାଏ। ରିପୋର୍ଟ ଅନୁଯାୟୀ, ୨୦୧୯ରେ ଏହା ୫,୦୭୧ ନିୟୁତ (୧୦.୪ ଡିଡିଡି/୧୦୦୦/ଦୈନିକ)ଥିଲା। ମଞ୍ଜୁରୀ ମିଳି ନ ଥିବା ଏବଂ ବହୁମାତ୍ରାରେ ବ୍ୟବହାର ହୋଇଥିବା ଆଣ୍ଟିବାୟୋଟିକ୍ ମଧ୍ୟରେ ସେଫାଲୋସ୍ପୋରିନ୍ସ, ମାକ୍ରୋଲାଇଡ୍ସ, ପେନିସିଲିନ୍ ତାଲିକାର ଶୀର୍ଷରେ ରହିଛି। ଲୋକେ ମନଇଚ୍ଛା ତଥା ଡାକ୍ତରଙ୍କ ବିନା ପରାମର୍ଶରେ ଆଣ୍ଟିବାୟୋଟିକ୍ ଖାଉଛନ୍ତି। ଏହା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ଅନେକ ସମସ୍ୟା ସୃଷ୍ଟି କରୁଛି। ତେଣୁ ମଞ୍ଜୁରୀପ୍ରାପ୍ତ ଔଷଧର ବିକ୍ରି ଓ ବ୍ୟବହାରକୁ ଗୁରୁତ୍ୱ ଦିଆଯିବା ସହ ସ୍ୱତନ୍ତ୍ର ଗାଇଡ୍ଲାଇନର ଆବଶ୍ୟକତା ରହିଥିବା ରିପୋର୍ଟରେ କୁହାଯାଇଛି।

### ବାପାଙ୍କୁ ଗୁଳି କରି ...

ଲୁଚାଇ ରଖିଥିବା ଏକ ଦେଶୀ ବନ୍ଧୁକ ଆଣି ଅତି ନିର୍ଦ୍ଦୟ ଭାବେ ବାପାଙ୍କ ଉପରକୁ ଗୁଳି ଚଳାଇଥିଲେ। ଫଳରେ ସେହିଠାରେ ହିଁ ଟଳି ପଡ଼ିଥିଲେ ଟିଲୁ। ଗୁଳି ଶବ୍ଦ ଶୁଣି ଗ୍ରାମବାସୀ ଦୌଡ଼ି ଆସିଥିଲେ ହେଁ କୈଳାସ ବନ୍ଧୁକ ଦେଖାଇ ସମସ୍ତଙ୍କୁ ମାରିଦେବାକୁ ଧମକ ଦେଇଥିଲେ। ଭୟରେ ଗ୍ରାମବାସୀ ସେଠାରୁ ପଳାଇ ଯାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ବାପା ମରି ପଡ଼ିଥିବା ବେଳେ କୈଳାସ ତାଙ୍କ ସ୍ତ୍ରୀଙ୍କୁ ସାଙ୍ଗରେ ଧରି ସେଠାରୁ ଫେରାର ହୋଇଯାଇଥିଲେ। ଗ୍ରାମବାସୀଙ୍କଠାରୁ ଖବରପାଇ ଉଦଳା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପରେ ବଡ଼ସାହି ଜଙ୍ଗଲରେ ଚଢ଼ାଉ କରି ସେଠାରେ ଲୁଚି ରହିଥିବା ହତ୍ୟାକାରୀ କୈଳାସଙ୍କୁ ପୋଲିସ ଗିରଫ କରିଛି। ତାଙ୍କଠାରୁ ହତ୍ୟାକାଣ୍ଡରେ ବ୍ୟବହୃତ ଦେଶୀ ବନ୍ଧୁକ ଜବତ ହୋଇଛି। ଏନେଇ ଥାନାରେ ଏକ ହତ୍ୟା ମାମଲା(ନଂ.୨୭୫/୨୨) ରୁଜୁ ହୋଇଛି। ଶିମଳିପାଳ ପାଦଦେଶରେ ରହୁଥିବା ଏହି ପରିବାର ଶିକାର ପାଇଁ ଘରେ ଦେଶୀ ବନ୍ଧୁକ ରଖିଥିବା ତଦନ୍ତ ବେଳେ ଜଣାପଡ଼ିଥିବା ପୋଲିସ କହିଛି।


# classifieds

Everyday
0674-2580101, 2549302

real estate

## SALE

**Puri Holiday Apartment 1BK/1BHK sale at GIRALA NH-316, Puri, Brahmagiri Road near New International Airport Sqft. 4500/- (Bank loan available) 8249390294, 8018417272.** D-73296

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ 'Grand Bazar' (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ plot ଶସ୍ତାରେ କିଣନ୍ତୁ ଏବଂ ଗୃହ ନିର୍ମାଣ କରନ୍ତୁ। 8249310759. D-74108

**Layout approval (30'road) ସହିତ Bank Finance ସୁବିଧା ଥାଇ ଭୁବନେଶ୍ୱର ବାଲିଅନ୍ତା ନିକଟ ସୁଧାନନ୍ଦ ସ୍କୁଲ ପାଖରେ ତୁରନ୍ତ ଘର କଲା ଭଳି (100% clean) plot @9,00,000/-ରେ କିଣନ୍ତୁ। OD GROUP. 9437033320.** D-74112

**Bhubaneswar Engineering College front NH ଠାରୁ 200 mtr. ଦୂରତାରେ Boundary ପ୍ଲଟ୍ ବିକ୍ରି ହେବ । 7008297827, 9692999455.** D-74105

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ପ୍ଲଟ୍କୁ 3,60,000/- (outright). 9439660381. D-74109

**Gated community Gharabari plot sale at Pipili NH side near Ranch Hotel - 9437522339.** D-74106

**ଭୁବନେଶ୍ୱର ଗଙ୍ଗପଡ଼ା NH-5 ରୁ 500 mtr ଦୂରରେ BDA yellowzone ଘରବାରି boundary plot ମିଳୁଛି। 7978676652, 7848882166.** D-74111

to-let

Ground Floor 2BHK House at Ratnakarbag, BBSR. 8917379636. D-73963

healthcare

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73962

**Relax, Refresh your body, Mind at Saikrupa SPA with best therapies. 8984068077.** D-1387

New open full body massage ladies & gents available. 8093726714. D-73638

business

**Save on Electricity bills. Forget power interruptions. Install Nexus Brand Solar Panels, inverters. Contact REMS LLP, Satyavihar, Bhubaneswar. 7606862090. 9777065888.** D-73640

## AFFIDAVIT

By virtue of an affidavit on 12.01.2021 before the Executive Magistrate, Bhubaneswar I have changed my name from Kabita Sahu to Kabita Dhar for all purposes. D-1457

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## LEGAL NOTICE

In the Court of Sr. Civil Judge, Bhubaneswar

C.S. No. 1923/2019
Smt. Mamini Panda ... Plaintiff
- Vrs
Shri Dhee Pattanaik ... Defendant

NOTICE U/o.5 RULE-20 OF C.P.C.

To,
Sri Dhee Pattanaik, aged about 42 years, S/o. Sri Umesh Charan Pattanaik Resident of Plot No. CL-36, Vir Surendra Sai Nagar, P.S. Mancheswar, Bhubaneswar, Dist. Khordha ... Defendant

Whereas you are avoiding the process of the Court to receive the Summons and whereas the plaintiff has instituted the above noted suit for declaration of right, title and interest over the suit land i.e. Mouza Bijipur, P.S. Khandagiri (Now-Tamando), Khata No. 135, Plot No. 677/893, An area Ac.0.460decs, corresponding to Mutation Correction Khata No. 238/335, Plot No. 677/893/1220, an area Ac.0.118decs, further corresponding to Mutation and Conversion Khata No. 238/1411, Plot No. 677/893/1220/3047 measuring an area Ac.0.045decs.

You are hereby summoned to appear in this court in person, or by a duly instructed, and able to answer all material questions relating to suit, or, or who shall be accompanied by some person able to answer all questions, on the 17th day of October, 2022 at 10.30 am O'clock in the noon to answer the claim and further you are hereby directed to file on that day a written statement of your defence and to produce on the said day all documents in your possession or power upon which you base your defence.

Take notice that, in default of your appearance on the day before mentioned, the suit shall be heard and determined in your absence.

Given under my hand and the seal of the Court this 30th day of August, 2022
Sd./- Civil Judge, Senior Division, Bhubaneswar.
D-1460

## ନଦୀରୁ ଅର୍ଦ୍ଧପ୍ରସବ ମହିଳାଙ୍କ ମୃତଦେହ ଜବତ

**ଠାକୁରମୁଣ୍ଡା,(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଯଶୀପୁର ଥାନା ଅଞ୍ଚଳରେ ପ୍ରବାହିତ ଖାଇରୀ ଭଣ୍ଡନ ନଦୀରୁ ବୁଧବାର ଅର୍ଦ୍ଧପ୍ରସବ ଅବସ୍ଥାରେ ଭାସୁଥିବା ଜଣେ ମହିଳାଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତ ମହିଳା ଜଣକ ହେଲେ ଯଶିପୁର ଥାନା ଅଧୀନ କୁଦରବିସିଦା ଗ୍ରାମର ପରମାନନ୍ଦ ବେହେରାଙ୍କ ସ୍ତ୍ରୀ ଅର୍ଚ୍ଚନା। କୁଦରବିସଦା ଗ୍ରାମ ଦେଇ ବୋହିଯାଉଥିବା ଭଣ୍ଡନ ନଦୀର ଆରପଟ ପଣାସି ଗ୍ରାମରେ ଅର୍ଚ୍ଚନାଙ୍କ ମାମୁ ଘର। ଗତ ରବିବାର ଅର୍ଚ୍ଚନା ମାମୁ ଘରକୁ ଏକୁଟିଆ ନଦୀ ପାରି ହୋଇ ଯାଉଥିବା ବେଳେ ନଦୀ ସ୍ରୋତରେ ଭାସିଯାଇଥିଲେ ବୋଲି ଜଣାପଡ଼ିଛି।

# ନବୀନଙ୍କ ସଫଳତା ଧରି ଗାଁକୁ ଯିବେ ବିଜେଡି ନେତା

ଭୁବନେଶ୍ୱର,୭।୯(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ମିଳିବା ପରେ ଦିଲ୍ଲୀରେ ଦଳୀୟ ନେତା ଏବଂ ପ୍ରବାସୀ ଓଡ଼ିଆମାନେ ଉତ୍ସବ ପାଳନ କରିଥିଲେ। ଏହାପରେ ଭୁବନେଶ୍ୱରରେ ବଡ଼ ଧରଣର ଜନସମାଗମ କରାଇ ନବୀନଙ୍କୁ ସମ୍ବର୍ଦ୍ଧନା ଦିଆଗଲା। ବର୍ତ୍ତମାନ ନବୀନଙ୍କ ଏହି ସଫଳତା କଥା ଶାସକ ଦଳ ପକ୍ଷରୁ ଗାଁ ଗାଁରେ ପ୍ରଚାର କରାଯିବ। ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ବିଭିନ୍ନ ଜିଲାର ସଭାପତି ଏବଂ ପର୍ଯ୍ୟବେକ୍ଷକମାନଙ୍କୁ ନେଇ ହୋଇଥିବା ବୈଠକରେ ରଣନୀତି ପ୍ରସ୍ତୁତ ହୋଇଛି। ଲୋକଙ୍କ ନିକଟରେ ସେବା ଏବଂ ବିକାଶର ବାର୍ତ୍ତା କିପରି ପହଞ୍ଚିପାରିବ ସେନେଇ ବୈଠକରେ ମୁଖ୍ୟତଃ ଆଲୋଚନା କରାଯାଇଛି। ଦଳ ପକ୍ଷରୁ ଅକ୍ଟୋବରରେ ପଦଯାତ୍ରା କରାଯିବ ବୋଲି ଜଣାପଡ଼ିଛି। ବୈଠକ ଶେଷରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି, ରାଜ୍ୟର ଉନ୍ନତି ସମ୍ପର୍କରେ ଆଲୋଚନା ଲାଗି ଦଳର ବୈଠକ ବସିଥାଏ। ସେହିପରି ଆଜି ମଧ୍ୟ ବୈଠକ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ଚାଲିଛି। ଉଭୟ ଲୋକ ଏବଂ ସରକାରଙ୍କ କାର୍ଯ୍ୟକ୍ରମ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି ବୋଲି ସେ କହିଛନ୍ତି।




# ବ୍ୟବଚ୍ଛେଦ ରିପୋର୍ଟ: ରଶି ଲଗାଇ ଝୁଲିପଡ଼ିବାରୁ ମୃତ୍ୟୁ

ପୋକ୍ସୋ କୋର୍ଟ ବିଚାରପତିଙ୍କ ସନ୍ଦେହଜନକ ମୃତ୍ୟୁ ମାମଲା

**ମା' ତୁଳସୀଙ୍କ ଅଭିଯୋଗ ଉପରେ ତଦନ୍ତ ଜାରି ରହିବ**

**କଟକ ଅଫିସ,୭।୯:** କଟକ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ସୁବାସ କୁମାର ବିହାରୀ(୪୯)ଙ୍କ ବ୍ୟବଚ୍ଛେଦ ରିପୋର୍ଟ ବୁଧବାର ମର୍କତନଗର ଥାନା ପୋଲିସର ହସ୍ତଗତ ହୋଇଛି। ସୁବାସ ରଶି ଲଗାଇ ଝୁଲି ପଡ଼ିବାରୁ ଶ୍ୱାସରୁଦ୍ଧ ହୋଇ ତାଙ୍କର ମୃତ୍ୟୁ ହୋଇଛି। ଏହି କାରଣରୁ ବେକ ସମେତ ଶରୀରର ବିଭିନ୍ନ ସ୍ଥାନରେ ଦାଗ ସୃଷ୍ଟି ହୋଇଛି ବୋଲି ରିପୋର୍ଟ ମିଳିଥିବା ପୋଲିସ ସ୍ପଷ୍ଟ କରିଛି। ଫଳରେ ବିଚାରପତିଙ୍କ ମୃତ୍ୟୁ ହତ୍ୟା ନୁହେଁ ବରଂ ଆତ୍ମହତ୍ୟା ବୋଲି ଜଣାପଡ଼ିଛି। ଏପରି କି ତାଙ୍କୁ ମାରିଦେବା ପରେ ସ୍ତ୍ରୀ ଓ ଶଳା ଟାଙ୍ଗି ଦେଇଥିବା ନେଇ ମା' ତୁଳସୀ କରିଥିବା ଅଭିଯୋଗ ମଧ୍ୟ ଏକପ୍ରକାର ଦୁର୍ବଳ ହୋଇଯାଇଛି। ଏହାସତ୍ତ୍ୱେ ପୋଲିସ ବିଚାରପତିଙ୍କ ମା' କରିଥିବା ଅଭିଯୋଗର ବିଭିନ୍ନ ଦିଗକୁ ଗୁରୁତର ସହିତ ଗ୍ରହଣ କରିଛି। ସୁବାସଙ୍କ ସ୍ତ୍ରୀ ଅପରାଜିତା ଏବଂ ଶାଳକ ସର୍ବଜିତ ରାୟ ଉଭୟେ ମିଶି ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ନେଇ ମା' ତଲୁସୀ କରିଥିବା ଅଭିଯୋଗ ଉପରେ ତଦନ୍ତ ଜାରି ରହିବ ବୋଲି ମର୍କତନଗର ଥାନା ଆଇଆଇସି ବିଉଟି ମହାନ୍ତି ସୂଚନା ଦେଇଛନ୍ତି।

# ବୃଦ୍ଧାଙ୍କୁ ଗଣବଳାତ୍କାର

**କୁଆଁରମୁଣ୍ଡା,୭।୯(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ରାଏବୋଗା ଥାନା ଅଞ୍ଚଳରେ ଜଣେ ଦିନ ମଜୁରିଆ ବୃଦ୍ଧା (୬୨)ଙ୍କୁ ୨ଅଭିଯୁକ୍ତ ଗଣବଳାତ୍କାର କରିଛନ୍ତି। ପୋଲିସ ଏ ନେଇ ୨ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରାଏବୋଗା ଥାନା ସଲଙ୍ଗାବାହାଲ ପଞ୍ଚାୟତ ଧୋଇପଡ଼ାର ତେତଲୁ ସାହୁ (୪୫) ଓ ପାନା ସାହୁ (୫୨)। ରାଏବୋଗା ଥାନା ଅଧିକାରୀ ସୂର୍ଯ୍ୟକାନ୍ତି ଦାସଙ୍କ ସୂଚନାନୁସାରେ, ବୃଦ୍ଧା ଜଣଙ୍କ ନିଜ ସାନପୁଅ ସହ ଗାଁ ଠାରୁ ଅଳ୍ପ ଦୂରରେ ରହୁଥିଲେ। ହେଲେ ଗତ ସୋମବାର ରାତିରେ ତାଙ୍କ ପୁଅ ଡ୍ୟୁଟି କରିବା ପାଇଁ ଯାଇଥିବା ଜାଣି ତେତଲୁ ଓ ପାନା ଘର କବାଟ ବାଡେଇ ଡାକିଥିଲେ। ବୃଦ୍ଧା କବାଟ ଖୋଲିବା ପରେ ତାଙ୍କ ମୁହଁକୁ ଏକ ଗାମୁଛାରେ ବାନ୍ଧି ସେମାନେ ତାଙ୍କୁ ଗଣବଳାତ୍କାର କରିଥିଲେ। ମଙ୍ଗଳବାର ଡ୍ୟୁଟିସାରି ସାନପୁଅ ଘରକୁ ଆସି ମା'କୁ ଉଦ୍ଧାର କରିବା ସହ ଅପରାହ୍ଣରେ ରାଏବୋଗା ଥାନାରେ ଲିଖିତ ଏତଲା ଦେଇଥିଲେ।

# ହାଇକୋର୍ଟରୁ ଅଭିଯୋଗ ପ୍ରତ୍ୟାହାର କଲେ ବର୍ଷା

**ବର୍ଷା-ଅନୁଭବଙ୍କ ପାରିବାରିକ ମାମଲା**

**କଟକ ଅଫିସ,୭।୯:** ଅଭିନେତା ତଥା ଏମ୍‌ପି ଅନୁଭବ ମହାନ୍ତିଙ୍କୁ ଅଧିକ ଜେରା ପାଇଁ ଅଭିନେତ୍ରୀ ତଥା ସ୍ତ୍ରୀ ବର୍ଷା ପ୍ରିୟଦର୍ଶିନୀ ହାଇକୋର୍ଟରେ କରିଥିବା ଆବେଦନକୁ ବୁଧବାର ପ୍ରତ୍ୟାହାର କରିନେଇଛନ୍ତି। ଫଳରେ ହାଇକୋର୍ଟରେ ଏହି ମାମଲାର ଅନ୍ତ ଘଟିଛି। ସୂଚନାଯୋଗ୍ୟ, ଏମ୍‌ପି ଅନୁଭବ ଏବଂ ସ୍ତ୍ରୀ ବର୍ଷାଙ୍କ ମଧ୍ୟରେ ବିବାହ ବିଚ୍ଛେଦକୁ ନେଇ କଟକ ପରିବାର ଅଦାଲତରେ ମାମଲା ଚାଲିଛି। ଏହି ମାମଲାରେ ଅନୁଭବଙ୍କୁ ଅଧିକ ଜେରା କରିବା ପାଇଁ ବର୍ଷା ପରିବାର ଅଦାଲତରେ ଆବେଦନ କରିଥିଲେ। ମାତ୍ର ପରିବାର ଅଦାଲତ ଏହାକୁ ଖାରଜ କରିଦେଇଥିଲେ। ଫଳରେ ବର୍ଷା ସମାନ ଆବେଦନ ନେଇ ପୁଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟରେ ଗତ ୩୦ ତାରିଖରେ ଏହି ମାମଲାର ଶୁଣାଣି ଥିବାବେଳେ ଏହାକୁ ସେପ୍ଟେମ୍ବର ୭ ତାରିଖକୁ ଧାର୍ଯ୍ୟ କରାଯାଇଥିଲା। ପ୍ରକାଶ ଯେ, ଗତ ୩୦ତାରିଖରେ ମଧ୍ୟ ବର୍ଷା ମାସକ ମଧ୍ୟରେ ନନ୍ଦିସାହିସ୍ଥିତ ଶ୍ୱଶୁରଘର ଛାଡ଼ିବେ ବୋଲି ଜିଲାଜଜ୍ କୋର୍ଟରେ ଏକ ମେମୋ ପ୍ରଦାନ କରିବା ପରେ ଜିଲାଜଜ୍ କୋର୍ଟରେ ଚାଲିଥିବା ମାମଲା ବନ୍ଦ ହୋଇଥିଲା।

# କଳା, ବିଜ୍ଞାନ, ବାଣିଜ୍ୟରେ ରେଭେନ୍‌ଶା ଆଗରେ

**ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା**

- ୬୭,୯୧୯ ଛାତ୍ରୀଛାତ୍ର ମନୋନୀତ
- ୮ ରୁ ୧୦ ନାମଲେଖା

**ଭୁବନେଶ୍ୱର, ୭।୯(ବ୍ୟୁରୋ):** ରାଜ୍ୟର ଉଚ୍ଚ ମାଧ୍ୟମିକ ସ୍କୁଲରେ ଯୁକ୍ତ୨ ନାମଲେଖା ପାଇଁ ବୁଧବାର ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇଛି। ୬୭,୯୧୯ ଛାତ୍ରୀଛାତ୍ର ନାମଲେଖା ପାଇଁ ମନୋନୀତ ହୋଇଛନ୍ତି। କଳାରେ ୪୩,୭୫୩ଜଣ ଥିବାବେଳେ ବିଜ୍ଞାନରେ ୨୦,୪୫୩ଜଣ, ବାଣିଜ୍ୟରେ ୩,୧୧୪ଜଣ, ସଂସ୍କୃତରେ ୧୮୯ଜଣ ଏବଂ ଧନ୍ଦାମୂଳକ ଶିକ୍ଷାରେ ୪୧୦ଜଣ ଛାତ୍ରୀଛାତ୍ର ରହିଛନ୍ତି। ମନୋନୀତ ପିଲାଙ୍କ ମଧ୍ୟରେ ୩୧,୮୧୯ଜଣ ଛାତ୍ରୀ ଥିବାବେଳେ ୩୬,୦୯୭ଜଣ ଛାତ୍ର ଏବଂ ୩ଜଣ କିନ୍ନର ଅଛନ୍ତି। ତେବେ ଏହି ପର୍ଯ୍ୟାୟରେ କଳା, ବିଜ୍ଞାନ ଓ ବାଣିଜ୍ୟ କଟ୍‌ଅଫ୍ ମାର୍କରେ ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ସ୍କୁଲ ଆଗରେ ରହିଛି।

କଳାରେ ସାଧାରଣ ବର୍ଗଙ୍କ ପାଇଁ ୮୨.୨% ସହ ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ସ୍କୁଲ ପ୍ରଥମ ସ୍ଥାନରେ ରହିଥିବାବେଳେ ଦ୍ୱିତୀୟରେ ୮୧.୭% ସହ କଟକ ନରସିଂହପୁର ଉଚ୍ଚ ମାଧ୍ୟମିକ ସ୍କୁଲ ଥିବା ବେଳେ ତୃତୀୟରେ ୮୧% ସହ ବାଲେଶ୍ୱର ବାଲିଆପାଳର କୃଷ୍ଣ ଚନ୍ଦ୍ର ପିପିଲି ଉଚ୍ଚ ମାଧ୍ୟମିକ ସ୍କୁଲ ଥିବା ଜଣାପଡ଼ିଛି। ବିଜ୍ଞାନରେ ୯୨.୭% ସହ କଟକ ରେଭେନ୍‌ଶା ଜୁନିୟର କଲେଜ ପ୍ରଥମ ସ୍ଥାନରେ ଥିବାବେଳେ ୯୨.୪% ସହ ବ୍ରହ୍ମପୁର ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଦ୍ୱିତୀୟ ଏବଂ ୯୧.୭% ସହ ବାଲେଶ୍ୱର ସୋରୋସ୍ଥିତ ଉପେନ୍ଦ୍ର ନାଥ ଉଚ୍ଚ ମାଧ୍ୟମିକ ସ୍କୁଲ ତୃତୀୟ ସ୍ଥାନରେ ରହିଛି। ସେହିପରି ଯୁକ୍ତ୨ ବାଣିଜ୍ୟରେ ୮୧.୮% ମାର୍କ ସହ ରେଭେନ୍‌ଶା ପ୍ରଥମ ସ୍ଥାନରେ ଥିବାବେଳେ ୭୬.୭% ମାର୍କ ସହ ରାଉରକେଲା ସରକାରୀ ଉଚ୍ଚ ମାଧ୍ୟମିକ ସ୍କୁଲ ଦ୍ୱିତୀୟ ଏବଂ ୭୫% ମାର୍କ ସହ କଟକ ଶୈଳବାଳା ମହିଳା ଉଚ୍ଚ ମାଧ୍ୟମିକ ସ୍କୁଲ ତୃତୀୟ ସ୍ଥାନରେ ରହିଛି। ସେହିଭଳି ଧନ୍ଦାମୂଳକରେ କଳାହାଣ୍ଡି ଧର୍ମଗଡ଼ସ୍ଥିତ ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ସ୍କୁଲ ୭୯.୫% ଓ ସଂସ୍କୃତରେ ବରଗଡ଼ ଜିଲାର ଲାଲାଜି ଗୋପାଳଜୀ ସଂସ୍କୃତ ଉଚ୍ଚ ମାଧ୍ୟମିକ ସ୍କୁଲ ୬୧.୩% କଟ୍‌ଅଫ୍ ମାର୍କ ସହ ଆଗରେ ରହିଛି। ତେବେ ଦ୍ୱିତୀୟ ପର୍ଯ୍ୟାୟରେ ମନୋନୀତ ଛାତ୍ରୀଛାତ୍ର ୮ ରୁ ୧୦ତାରିଖ ଅପରାହ୍ଣ ୫ଟା ମଧ୍ୟରେ ନାମ ଲେଖାଇବେ। ବଳକା ସିଟ୍‌ରେ ନାମଲେଖା ପାଇଁ ୧୫ ତାରିଖ ଅପରାହ୍ଣ ୨ଟାରେ ସ୍ପଟ୍ ମେଧା ତାଲିକା ପ୍ରକାଶ ପାଇବ। ବଳକା ସିଟ୍‌ର ୧୦ଗୁଣା ଅଧିକ ସ୍ପଟ୍ ମେଧା ତାଲିକାରେ ପ୍ରକାଶ ପାଇବ। ୧୭ ରୁ ୨୦ ତାରିଖ ମଧ୍ୟରେ ସ୍ପଟ୍ ନାମଲେଖା ଅନୁଷ୍ଠିତ ହେବ।

ସୂଚନାଯୋଗ୍ୟ, ଚଳିତବର୍ଷ ଯୁକ୍ତ୨ ନାମଲେଖା ପାଇଁ ୪,୮୦,୭୦୪ ଛାତ୍ରୀଛାତ୍ର ଆବେଦନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୪,୦୪,୪୦୦ ଛାତ୍ରୀଛାତ୍ର ମନୋନୀତ ହୋଇଥିବାବେଳେ ଅଗଷ୍ଟ ୧୯ରୁ ୩୦ ତାରିଖ ମଧ୍ୟରେ ୩,୪୪,୩୪୩ ଛାତ୍ରୀଛାତ୍ର ନାମ ଲେଖାଇଥିଲେ। ଏବେ ଯୁକ୍ତ୨ ନାମଲେଖା ପାଇଁ ୧,୬୩,୪୪୭ ସିଟ୍ ବଳକା ପଡ଼ିଛି।
















ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ | Union Bank of India | ଆନ୍ଧ୍ର Andhra | Corporation

କ୍ଷେତ୍ରୀୟ କାର୍ଯ୍ୟାଳୟ: ବାଲେଶ୍ୱର
୩ୟ ମହଲା, ଆଶିଷ୍ ପ୍ଲାଜା, ଓଟି ରୋଡ୍, ଭାସ୍କରଗଞ୍ଜ, ବାଲେଶ୍ୱର - ୭୫୬୦୦୧

## ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ଇଂରେଜମାନଙ୍କ ବିରୋଧରେ ୧୮୧୭ ମସିହାରେ ଆରମ୍ଭ ହୋଇଥିବା ପ୍ରଥମ ସଶସ୍ତ୍ର ଗଣବିପ୍ଳବ, ଯାହା ପାଇକ ଯୋଦ୍ଧା ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ସଙ୍ଗଠିତ ହୋଇଥିଲା। ପରେ ଜୟୀ ରାଜଗୁରୁ, ପିଣ୍ଡିକି ବାହୁବଳେନ୍ଦ୍ର, କୃତିବାସ ପାଟଶାଣୀ, ମାଧବ ଚନ୍ଦ୍ର ରାଉତରାୟ ପ୍ରମୁଖ ବୀର ଅଂଶଗ୍ରହଣ କରି ପାଇକମାନଙ୍କ ନେତୃତ୍ୱ ନେଇ ପାଇକ ବିଦ୍ରୋହକୁ ଆହୁରି ଶକ୍ତିଶାଳୀ କରିଥିଲେ। ହେଲେ କେନ୍ଦ୍ର ସରକାର ଇତିହାସରେ ଏହାକୁ କୌଣସି ମାନ୍ୟତା ଦେଲେ ନାହିଁ। ଏହି ବିଦ୍ରୋହରେ ଅନେକ ପାଇକ ବୀର ଜୀବନକୁ ଉତ୍ସର୍ଗ କରି ଇରେଜମାନଙ୍କ ବିରୋଧରେ ଲଢ଼େଇ କରିଥିଲେ ମଧ ସେମାନଙ୍କୁ ବର୍ତ୍ତମାନ ସୁଦ୍ଧା କୌଣସି ମାନ୍ୟତା ଦିଆଯାଇ ନାହିଁ। ବୁଧବାର ଦୁବାଇର ଏକ ହୋଟେଲରେ ଦୁବାଇ ଓଡ଼ିଆ ସମାଜ ଓ ଖୋରଧା ନାଗରିକ ମଞ୍ଚର ମିଳିତ ସହଯୋଗରେ ଦୁବାଇ ଓଡ଼ିଆ ସମାଜ ସଭାପତି ସଞ୍ଜୟ ଦାସଙ୍କ ସଭାପତିତ୍ୱରେ ପାଇକ ବିଦ୍ରୋହକୁ ଭାରତ ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ଅଭିହିତ କରିବା ଉଦ୍ଦେଶ୍ୟରେ ଶୋଭାଯାତ୍ରା ସହ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ଅତିଥିଭାବେ ଖୋରଧା ନାଗରିକ ମଞ୍ଚର ସଭାପତି ସଞ୍ଜୟ ପଟ୍ଟନାୟକ ଯୋଗଦେଇ କହିଥିଲେ, କେନ୍ଦ୍ର ସରକାରଙ୍କ ଅବହେଳାକୁ ଆଉ ବରଦାସ୍ତ କରାଯିବ ନାହିଁ। ସମସ୍ତ ଓଡ଼ିଆଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମକୁ ଜୋର୍‌ଦାର କରାଯିବ। ଏହି କାର୍ଯ୍ୟକ୍ରମରେ ସେକ୍ ସବିର, ମାନସ ପଟ୍ଟନାୟକ, ବିନୋଦ ବିହାରୀ ମିଶ୍ର, ଗୁରୁଦ୍ୱାର ସମିତିର ଜଲଦୀପ ସିଂ, ମନୋଜ ସିଂ, ପବିତ୍ର ବାରିକଙ୍କ ସମେତ ମହାରାଷ୍ଟ୍ର, ଆସାମ, ଗୁଜରାଟ, ପଞ୍ଜାବ, ମଧ୍ୟପ୍ରଦେଶ, ବିହାର, କର୍ଣ୍ଣାଟକ ଆଦି ରାଜ୍ୟର ପ୍ରତିନିଧି ଯୋଗଦେଇ ଏହି ଆନ୍ଦୋଳନକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦିଆଯାଉ ବୋଲି କହିଥିଲେ। ସଭାରେ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ସ୍ଥିର ହୋଇଥିଲା।

# ପୂରଣ ହେଉନି ଖାଲି ପଦବୀ

ବୋଲଗଡ଼,୭।୯(ଡି.ଏନ୍.ଏ.)

### ବୋଲଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ

ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସରକାର ଗୁରୁତ୍ୱ ଦେବା ସହ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଖାଲିଥିବା ପଦବୀ ପୂରଣ ନ ହେବାରୁ ସଫଳ ରୂପାୟନରେ ବାଧକ ସାଜିଛି। ଏଭଳି ସ୍ଥିତିରେ ଚାଲିଛି ଖୋର୍ଦ୍ଧା ଜିଲା ବୋଲଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ। ଏହି କାର୍ଯ୍ୟାଳୟରେ ଆବଶ୍ୟକ ୧୭ ପଦବୀ ମଧ୍ୟରୁ ୮ଟି ପଦବୀ ଖାଲିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ଏହି କାର୍ଯ୍ୟାଳୟରେ ଏବିଇଓ, ହେଡ୍ କ୍ଲର୍କ, ସିନିୟର କ୍ଲର୍କ, ଆକାଉଣ୍ଟାଣ୍ଟ, ଏମ୍‌ଆଇଏସ୍(କମ୍ପ୍ୟୁଟର), ପିଅନ ଓ ରାତ୍ର ଜଗୁଆଳି ଆଦି ପଦବୀ ଖାଲିଥିବାରୁ କାର୍ଯ୍ୟ ସମ୍ପାଦନରେ ବାଧା ଉପୁଜୁଛି। ଅଧିକାଂଶ ସମୟରେ ଅଧିକାରୀଙ୍କୁ ଉକ୍ତ କାର୍ଯ୍ୟ କରିବାକୁ ପଡୁଛି। ଅଧିକ କାର୍ଯ୍ୟଜନିତ ଚାପରେ ଭାରାକ୍ରାନ୍ତ ହେଉଛନ୍ତି। ଏହାସହିତ ବ୍ଲକ ଅଧୀନସ୍ଥ ୧୪ଟି କ୍ଲଷ୍ଟରର ୧୨୫ ବିଦ୍ୟାଳୟ ପାଇଁ ୧୪ ସିଆର୍‌ସିସିଙ୍କ ଆବଶ୍ୟକ ଥିବା ବେଳେ ୯ ଜଣ କାର୍ଯ୍ୟରତ ଥିବାରୁ ସମସ୍ତ ବିଦ୍ୟାଳୟ ପରିଦର୍ଶନ କାର୍ଯ୍ୟ ଠିକ୍ ଭାବେ ହୋଇପାରୁ ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବିଇଓ ଡ. ନିରଞ୍ଜନ ମହାନ୍ତି କୁହନ୍ତି, କ୍ଲର୍କ ପଦବୀ ପୂରଣ ନ ହେବାରୁ ଶିକ୍ଷୟିତ୍ରୀଶିକ୍ଷକଙ୍କ ଦରମା, ପେନ୍‌ସନ ଓ ଅନ୍ୟାନ୍ୟ କାର୍ଯ୍ୟରେ ବିଳମ୍ବ ଘଟୁଛି। ତେଣୁ ପ୍ରଥମେ ଏହି ପଦବୀ ପୂରଣ ହେବା ଆବଶ୍ୟକ ବୋଲି କୁହାଯାଉଛି।

# 'ନୂଆଁଖାଇ ପର୍ବ ଭାଇଚାରାର ବାର୍ତ୍ତା ଦିଏ'



ଜୟୀ ରାଜଗୁରୁ ଭବନରେ ଆୟୋଜିତ ନୂଆଁଖାଇ କାର୍ଯ୍ୟକ୍ରମରେ କଳାକାରଙ୍କ ଦ୍ୱାରା ପରିବେଷିତ ସମ୍ବଲପୁରୀ ନୃତ୍ୟ।

ଖୋର୍ଦ୍ଧା ଅଫିସ,୭।୯

ନୂଆଁଖାଇ ପଶ୍ଚିମ ଓଡ଼ିଶାର ଗଣ ପର୍ବ। ତେବେ ସାମ୍ପ୍ରତିକ ସମୟରେ ନୂଆଁଖାଇ କେବଳ ପଶ୍ଚିମ ଓଡ଼ିଶାରେ ସୀମିତ ହୋଇ ରହିନାହିଁ। ଦେଶବିଦେଶରେ ରହୁଥିବା ପ୍ରବାସୀ ଓଡ଼ିଆ ମଧ ଏହି ପର୍ବକୁ ଆନନ୍ଦ ଉଲ୍ଲାସରେ ପାଳନ କରୁଛନ୍ତି। ମାଦଳା ପାଞ୍ଜିରୁ ଜଣାପଡ଼େ ଯେ, ଦେବଦେବୀଙ୍କ ପୂଜା ସହ ପ୍ରକୃତି ପୂଜା ପରମ୍ପରା ଅତି ପ୍ରାଚୀନ। ଭାରତୀୟ ସଂସ୍କୃତିରେ ମାଟି ମା' ପୂଜା ରହିଛି। ନୂଆଁଖାଇ ହେଉଛି କୃଷିଭିତ୍ତିକ ପର୍ବ। ତେଣୁ ପ୍ରଥମ ଫସଲ ଇଷ୍ଟ ଦେବଦେବୀଙ୍କୁ ଅର୍ପଣ ପରେ ନୂଆଁଖାଇକୁ ସାମୂହିକ ଭାବେ ପାଳନ କରାଯାଏ। ଏହି ସମୟରେ ଯିଏ ଯେଉଁଠି ଥିଲେ ମଧ ଘରକୁ ଆସିଥାନ୍ତି। ପରିବାର, ସମ୍ପର୍କୀୟ, ବନ୍ଧୁବାନ୍ଧବ ପରସ୍ପରକୁ ନୂଆଁଖାଇ ଶୁଭେଚ୍ଛା ଜଣାଇଥାନ୍ତି। ଏହାକୁ ନୂଆଁଖାଇ ଭେଟଘାଟ କୁହାଯାଏ। ନୂଆଁଖାଇ ପର୍ବ ଭାଇଚାରାର ବାର୍ତ୍ତା ଦିଏ ବୋଲି ଖୋର୍ଦ୍ଧା ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଜୟୀ ରାଜଗୁରୁ ଭବନରେ ଆୟୋଜିତ ଜିଲାସ୍ତରୀୟ ନୂଆଁଖାଇ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଐତିହାସିକ ପ୍ରଫେସର ନାରାୟଣ ରାଓ ଯୋଗଦେଇ ଏହା କହିଛନ୍ତି।

ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ରାଓ ଆହୁରି କହିଥିଲେ, ସମ୍ବଲପୁରୀ ଶାଢ଼ି, କପଡ଼ା, ଡାଲଖାଇ ନୃତ୍ୟ, ରଙ୍ଗବତୀ ସଙ୍ଗୀତ ହେଉଛି ଓଡ଼ିଶାର ଅସ୍ମିତା ଏବଂ ଗୌରବ। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ ଯୋଗଦେଇ କହିଥିଲେ, ନୂଆଁଖାଇ ପର୍ବ ଭାଇଚାରାର ବାର୍ତ୍ତା ପ୍ରଦାନ କରିଥାଏ। ଅତିଥିଭାବେ ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂ କହିଥିଲେ, ସଂସ୍କୃତି ଓ ପରମ୍ପରା ହେଉଛି ଗୋଟିଏ ଜାତିର ପରିଚୟ। ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ ଯୋଗଦେଇ କହିଥିଲେ, ମନୁଷ୍ୟ ପ୍ରକୃତି ଓ ମାଟିର ପୂଜା କରୁଥିଲା। ଉତ୍ପନ୍ନ ଶସ୍ୟକୁ ମା'ଙ୍କ ନିକଟରେ ଅର୍ପଣ କରାଯାଉଥିଲା। ମାତୃପୂଜା ବହୁ ପ୍ରାଚୀନ। ପୂଜାର୍ଚ୍ଚନା ସହ ଦଳଗତ ଭାବେ ନାଚଗୀତ ହେଉଥିଲା। ସେହିଭଳି ଖୋର୍ଦ୍ଧାର ଇଷ୍ଟଦେବୀ ବରୁଣେଇ, କରୁଣେଇ ପୀଠରେ ରଜପର୍ବ ବଡ଼ ପର୍ବ। ପ୍ରତି ପର୍ବପର୍ବାଣୀ ପଛରେ ପ୍ରକୃତିମାତାର ପୂଜା ଜଡ଼ିତ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ରୀୟ ଜେନା ଯୋଗଦେଇ ନୂଆଖାଇ ପର୍ବ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ନୃତ୍ୟାୟନ ଅନୁଷ୍ଠାନର କଳାକାରମାନେ ମା' ସମଲାଇ ଓ ଡାଲଖାଇ ନୃତ୍ୟ ପରିବେଷଣ କରିଥିଲେ।

# ଉତ୍କଳୀୟ ନବବର୍ଷ ଆରମ୍ଭ

ପୁରୀ ଅଫିସ, ୭।୯

ବୁଧବାର ଶ୍ରୀନଅରରେ ସୁନିଆ ନୀତି ସମ୍ପନ୍ନ ହୋଇଛି। ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଶାସନରେ ୬୪ ଅଙ୍କ ଶେଷ ହୋଇ ୬୫ ଅଙ୍କ ଓ ୧୪୩୦ ସାଲ ଆରମ୍ଭ ହୋଇଛି। ସୁନିଆରୁ ଉତ୍କଳୀୟ ସାଂସ୍କୃତିକ ଓ ସାମାଜିକ ଜୀବନରେ ଗଜପତିଙ୍କ ନାମରେ ଉତ୍କଳ ନବବର୍ଷ ଆରମ୍ଭ ହୋଇଥାଏ। ଓଡ଼ିଆ ପାଇଁ ଜାତକର ବର୍ଷ, ମାସ, ତାରିଖ, ତିଥି ଓ ନକ୍ଷତ୍ର ଗଜପତିଙ୍କ ନାମରେ ଉଲ୍ଲେଖ ହୋଇଥାଏ। ସୁନିଆ ଦିନଠାରୁ ଗଜପତି ମହାରାଜାଙ୍କ ଗାଦିନାସୀନ ବର୍ଷର ଗଣନା କରାଯାଇଥାଏ। ସୁନିଆରେ ଶ୍ରୀନଅରରେ ରାଜ ପରମ୍ପରା ଅନୁଯାୟୀ ନୀତି ସମ୍ପନ୍ନ ହୋଇଥିଲା। ଶ୍ରୀନଅରର ବିଭିନ୍ନ ସ୍ଥାନରେ ଝୋଟି ପକାଯାଇଥିଲା। ସକାଳୁ ରାଜଗୁରୁମାନେ ଶୁଭଖୁଣ୍ଟି ଅନୁକୂଳ କରି ଯଥାବିଧି ଦେବାର୍ଚ୍ଚନା ନୀତି ସମ୍ପନ୍ନ କରିଥିଲେ। ସନ୍ଧ୍ୟାରେ ପଞ୍ଚଦେବତା ଓ ରାମାଭିଷେକ ପୂଜା ହୋଇଥିଲା। ପରେ ମଙ୍ଗଳାର୍ପଣ ନୀତି ହୋଇ ଅନ୍ୟାନ୍ୟ ନୀତି ସମ୍ପନ୍ନ କରାଯାଇଥିଲା। ଏକ ସୁନା ମୋହରରେ ୬୫ ଅଙ୍କ କଟାଯାଇ ଘୋଷଣା କରାଯାଇଥିଲା। ପରେ ଷୋହଳଶାସନ ବ୍ରାହ୍ମଣମାନେ ଗଜପତିଙ୍କୁ ଗୋଟିଏ ଲେଖାଏ ନଡ଼ିଆ ଭେଟି ଦେଇ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ଆର୍ଶୀବାଦ ପ୍ରଦାନ କରିଥିଲେ। ପରେ ଗଜପତିଙ୍କୁ ପ୍ରଜା ଓ କର୍ମଚାରୀମାନେ ସୁନିଆ ଭେଟି ଦେଇଥିଲେ। ଚଳିତବର୍ଷ ଗଜପତି ମହାରାଜାଙ୍କ ୬୫ ଅଙ୍କ ପ୍ରଚଳିତ ହେଲା ଓ ୧୪୩୦ ସାଲ ପ୍ରବେଶ କଲା। ଅଙ୍କ କଟାର ପରମ୍ପରା ଅଦ୍ୟାବଧି ପ୍ରଚଳିତ ରହିଛି ବୋଲି ରାଜଗୁରୁ କହିଛନ୍ତି।

# ଶର୍ଟସର୍କିଟରୁ ଦୋକାନ ଜଳିଗଲା




ଖୋର୍ଦ୍ଧା ଅଫିସ,୭।୯

ଖୋର୍ଦ୍ଧା କ୍ଲବ ନିକଟସ୍ଥ ମା' ତାରିଣୀ ଭେରାଇଟି ଷ୍ଟୋରରେ ବୁଧବାର ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଛି। ଫଳରେ ଲକ୍ଷାଧିକ ଟଙ୍କା ଖାଦ୍ୟ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିଶମ କର୍ମଚାରୀ ଏବଂ ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିଥିଲେ।

ମଙ୍ଗଳବାର ପୁରୁଣା ବ୍ୟବସାୟୀ ସଂଘର ଗଣେଶ ପୂଜା ଭସାଣି ଉତ୍ସବ ଥିଲା। ତେଣୁ ବୁଧବାର ଅପରାହ୍ନ ୨ଟା ପରେ ବଜାର ବନ୍ଦ ରହିଥିଲା। ଏଠାକାର ମାରୱାଡ଼ି ପଟ୍ଟିରେ ସନ୍ତୋଷ ରାମଙ୍କ ଦୋକାନ ରହିଛି। ସନ୍ତୋଷ ଦୁଇ ମାସ ତଳେ ଏକ ରେଫ୍ରିଜେରେଟର କିଣିଥିଲେ। ତେବେ ଗତ କିଛି ଦିନ ହେଲା ଏଥିରେ ଯାନ୍ତ୍ରିକ ସମସ୍ୟା ଦେଖାଦେଇଥିଲା। ଏହାର ମରାମତି ଲାଗି ସନ୍ତୋଷ ସ୍ଥାନୀୟ ସର୍ଭିସ ସେଣ୍ଟର ସହ ଯୋଗାଯୋଗ କରିଥିଲେ। ଅପରାହ୍ନ ପ୍ରାୟ ୧ଟା ୩୦ରେ ସମ୍ପୃକ୍ତ ସେଣ୍ଟର କର୍ମଚାରୀ ପହଞ୍ଚି ରେଫ୍ରିଜେରେଟର ମରାମତି କରିଥିଲେ। ପରେ ସନ୍ତୋଷ ଦୋକାନ ବନ୍ଦ କରି ଘରକୁ ଚାଲିଯାଇଥିଲେ। ଏହାର ଦେଢ ଘଣ୍ଟା ପରେ ଦୋକାନରୁ ଧୂଆଁ ବାହାରୁଥିବା ଖବରପାଇ ସେ ପହଞ୍ଚିଥିଲେ। ଦୋକାନ ଖୋଲିବାରୁ ରେଫ୍ରିଜେରେଟର ଜଳୁଥିବା ଦେଖିବାକୁ ପାଇଥିଲେ। ସେତେବେଳକୁ ୨ଟି ରେଫ୍ରିଜେରେଟର ସହ ସମସ୍ତ ଖାଦ୍ୟସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିଲା। ସେଠାରେ ଉପସ୍ଥିତ ଥିବା ସ୍ଥାନୀୟ ବ୍ୟବସାୟୀ ମିଳିମିଶି ଦୋକାନରୁ ଅନ୍ୟ ସାମଗ୍ରୀ ବାହାରକୁ କାଢ଼ିଥିଲେ। ପରେ ଖବର ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସନ୍ଧ୍ୟାରେ ରେଫ୍ରିଜେରେଟର ଯୋଗାଇଥିବା କମ୍ପାନୀର ଜିଲା ପ୍ରୋପାଇଟର ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ।

# ଦର୍ଶକଙ୍କୁ ବିମୋହିତ କଲେ କୁନି କଳାକାର



ଅତିଥିଙ୍କ ଗହଣରେ କୁନି କଳାକାରମାନେ।

ଖୋର୍ଦ୍ଧା ଅଫିସ,୭।୯

ସମ୍ପ୍ରତି ପୁରପଲ୍ଲୀରେ ଚାଲିଛି ଖୁଦୁରୁକୁଣି ଓଷା। ଭାଇର ଶୁଭ ମନାସି ଭଉଣୀମାନେ ଏହି ପୂଜା କରୁଛନ୍ତି। ଏହି ଅବସରରେ ବୋଲଗଡ଼ ବ୍ଲକ ଧଳାପଥର ଗ୍ରାମରେ ଖୁଦୁରୁକୁଣି ଓଷା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ କୁନି କୁନି ପିଲାମାନେ ଓଡ଼ିଶୀ, ସମ୍ବଲପୁରୀ, ଡଅପୋଇ, ଗଣେଶ ବନ୍ଦନା, ରାଧାକୃଷ୍ଣ ପ୍ରଭୃତି ଆକର୍ଷଣୀୟ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ସ୍ଥାନୀୟ ସରପଞ୍ଚ ନାରାୟଣ ସାହୁ, ସମିତି ସଭ୍ୟ ବିଜୟ କୁମାର ସୁବୁଦ୍ଧି, ଖବରଦାତା ରମେଶ ରଞ୍ଜନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଏଥିସହିତ କୁନି ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା।

# ବିଦ୍ୟୁତ୍ କାର୍ଯ୍ୟାଳୟରେ ଉପଭୋକ୍ତାଙ୍କ ମୃତ୍ୟୁ

ନିରାକାରପୁର,୭।୯(ଡି.ଏନ୍.ଏ.)

ଜଙ୍କିଆ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ବୁଧବାର ଜଣେ ଉପଭୋକ୍ତାଙ୍କ କୌଣସି କାରଣରୁ ମୃତ୍ୟୁ ଘଟିଛି। ସେ ହେଲେ ଜଙ୍କିଆ ଥାନା ଅଧୀନ ରତାମାଟି ଗ୍ରାମର ବେଣୁଧର ବିଶୋୟୀ(୬୨)। ତେବେ ବିଦ୍ୟୁତ୍ ବିଲ୍‌କୁ ନେଇ କର୍ମଚାରୀଙ୍କ ସହ ବଚସା ହେବାରୁ ବେଣୁଧରଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଛି ବୋଲି ବଡ଼ଭାଇ ବାନାମ୍ବର ବିଶୋୟୀ ଅଭିଯୋଗ ଆଣିଛନ୍ତି। ଏନେଇ ପରିବାର ଓ ଗ୍ରାମବାସୀ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ମୃତଦେହ ରଖି କିଛି ସମୟ ପାଇଁ ହୋହଲ୍ଲା କରିଥିଲେ। ଖବରପାଇ ଥାନା ଅଧିକାରୀ ଅନିତା ସାହୁ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବାକୁ କହିଥିଲେ। ହେଲେ ମୃତକଙ୍କ ପରିବାର ରାଜି ନ ହେବାରୁ ଏସ୍‌ଡିପିଓ ଦିଲୀପ କୁମାର ଦାସଙ୍କୁ ଜଣାଇଥିଲେ। ଏସ୍‌ଡିପିଓ ଦାସ ପହଞ୍ଚି ଆଲୋଚନା କରିବା ପରେ ମୃତଦେହ ବ୍ୟବଚ୍ଛେଦ ନ କରାଯାଇ ପୋଡ଼ିବା ପାଇଁ ଅନୁମତି ଦେଇଥିବା ଜଣାପଡ଼ିଛି। ବଡ଼ଭାଇ ବାନାମ୍ବରଙ୍କ ସୂଚନା ମୁତାବକ, ପ୍ରତିମାସରେ ବେଣୁଧରଙ୍କ ବିଦ୍ୟୁତ୍ ବିଲ୍ ୬୦୦ରୁ ୭୦୦ ଟଙ୍କା ମଧ୍ୟରେ ଆସୁଥିଲା। ହେଲେ ଗତ ମାସରେ ୨୦ ହଜାର ଟଙ୍କାର ବିଦ୍ୟୁତ୍ ବିଲ୍ ଆସିଥିଲା। ଏହାକୁ ନେଇ ବେଣୁଧର ବିଦ୍ୟୁତ୍ କାର୍ଯ୍ୟାଳୟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ବୁଧବାର ମଧ୍ୟାହ୍ନ ସାଢ଼େ ୧୨ଟାରେ ପୁଣି ବେଣୁଧର କାର୍ଯ୍ୟାଳୟକୁ ଆସି ଅଧିକାରୀଙ୍କୁ ପଚରାଉଚରା କରିଥିଲେ। ପରେ କୌଣସି କାରଣରୁ ବେଣୁଧର ସେଠାରେ ଚେତା ହରାଇ ପଡ଼ିଯାଇଥିଲେ। ଖବରପାଇ ପରିବାର ଲୋକେ ଓ ବିଦ୍ୟୁତ୍ କର୍ମଚାରୀ ବେଣୁଧରଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ପଞ୍ଚମ ଯୁବ ସମ୍ମାନ ଉତ୍ସବ

ଜଟଣୀ,୭।୯(ଡି.ଏନ୍.ଏ.)

ଗଣେଶ ପୂଜା ପରିପ୍ରେକ୍ଷୀରେ ଜଟଣୀ ୟୁଥ ଫେଡେରେଶନ ପକ୍ଷରୁ ବୁଧବାର ପଞ୍ଚମ ଯୁବ ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାମଚନ୍ଦ୍ରପୁର ବଜାର ଥାନା ଛକରେ ଅନୁଷ୍ଠିତ ଏହି ଉତ୍ସବରେ ଉଦ୍‌ଘାଟକ ଭାବେ ରାଜ୍ୟ ସଭା ସଦସ୍ୟ ମୁନା ଖାଁ, ମୁଖ୍ୟ ବକ୍ତା ଜଟଣୀ ପୌରାଧ୍ୟକ୍ଷ ଅନନ୍ତ ବେହେରା, ଅତିଥି ଭାବେ ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳାନ୍ତରାୟ, ଜିଲା ପରିଷଦ ସଭ୍ୟା ମୋହିନୀ ନାୟକ ପ୍ରମୁଖ ଯୋଗଦେଇଥିଲେ। ୟୁଥ ଫେଡେରେଶନ ସଭାପତି ପ୍ରଶାନ୍ତ ପାଇକରାୟ ଉତ୍ସବରେ ସଭାପତିତ୍ୱ କରିଥିଲେ। ସଙ୍ଗଠନର ସମ୍ପାଦକ ଅନନ୍ତ ଶତପଥୀ ବାର୍ଷିକ ସମ୍ପାଦକୀୟ ପାଠ କରିଥିଲେ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଆଇନଜୀବୀ ପ୍ରକାଶ ପାଟଶାଣୀ, ଯୁବ ସାମାଜିକ କର୍ମୀ ଶିବପ୍ରସାଦ ମହାପାତ୍ର, ସାମାଜିକ ଅନୁଷ୍ଠାନ ମାରଓ୍ୱାଡି ଯୁବମଞ୍ଚ, ଯୁବ ବ୍ୟବସାୟୀ ଜିତେନ୍ଦ୍ର ପଟ୍ଟନାୟକ ଏବଂ ଶିଶୁ ପ୍ରତିଭା ସିଧିକ୍ଷା ପ୍ରିୟଦର୍ଶିନୀଙ୍କୁ ପଞ୍ଚମ ଯୁବ ସମ୍ମାନ-୨୦୨୨ରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ରବୀନ୍ଦ୍ରନାଥ ମହାକୁଡ଼ ମଞ୍ଚ ପରିଚାଳନା କରିଥିବା ବେଳେ ଆଶୁତୋଷ ପ୍ରତାପ ସିଂ ଧନ୍ୟବାଦ ଦେଇଥିଲେ।




ଜଟଣୀ: ପଞ୍ଚମ ଯୁବ ସମ୍ମାନ ଉତ୍ସବରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

# 'ଗାଁ ସଂସ୍କୃତି ବଞ୍ଚାଇ ରଖିଛି ମହୋତ୍ସବ'

ନିରାକାରପୁର,୭।୯(ଡି.ଏନ୍.ଏ.)

### ଜଙ୍କିଆ ପଲ୍ଲୀ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା



ପଲ୍ଲୀ ମହୋତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଖୋର୍ଦ୍ଧା ଜିଲା ଜଙ୍କିଆ ପଞ୍ଚାୟତ ବାଲିଗାଡ଼ିଆ ସ୍ଥିତ ବାସନ୍ତୀ ପଡ଼ିଆରେ ଓଁ ଶ୍ରୀ ଗ୍ରୁପ୍ ଆନୁକୂଲ୍ୟରେ ଚାଲିଥିବା ପଲ୍ଲୀ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥି, ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ, ସରପଞ୍ଚ ପଙ୍କଜିନୀ ବଳବନ୍ତରାୟ, ଶିକ୍ଷାବିତ୍ ଶରତ ଚନ୍ଦ୍ର ଚଇଁରୀ, ସମିତି ସଭ୍ୟ ଈଶ୍ୱର ଚନ୍ଦ୍ର ମାର୍ଥା ପ୍ରମୁଖ ଯୋଗଦେଇ ପୁରପଲ୍ଲୀରେ କଳା ସଂସ୍କୃତି ଦିନକୁ ଦିନ ହଜିବାକୁ ବସିଥିବା ବେଳେ ଏହି ପଲ୍ଲୀ ମହୋତ୍ସବ ଦ୍ୱାରା ଅଞ୍ଚଳର ପରମ୍ପରା ଓ କଳା ସଂସ୍କୃତି ବଞ୍ଚିରହିଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଓଁ ଶ୍ରୀ ଗ୍ରୁପ୍ ଗଣେଶ ପୂଜା କମିଟିର ସଭାପତି କୃଷ୍ଣଚନ୍ଦ୍ର ନରେନ୍ଦ୍ର ପୌରୋହିତ୍ୟ କରିଥିଲେ। ପୁରୀର ରଙ୍ଗଶାଳା କଳାକାରଙ୍କ ଦ୍ୱାରା ପରିବେଷିତ ଗଣେଶ ବନ୍ଦନା ଉପସ୍ଥିତ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ପରେ ମଞ୍ଚରେ ପାଇକ ଆଖଡ଼ା ଖୋର୍ଦ୍ଧା, ଚାରୁରତନ ଏକାଡେମୀ ପୁରୀ ଓ ନୀଳଶୈଳ ଏକାଡେମୀ ଜଟଣୀ କଳାକାରଙ୍କ ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। କମଳେଶ ମହାରଣା କାର୍ଯ୍ୟକ୍ରମ ଉପସ୍ଥାପନା କରିଥିବା ବେଳେ ଅନୁଷ୍ଠାନର ସଂଯୋଜକ ବିଶ୍ୱଭୂଷଣ ଛୋଟରାୟ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଖବରଦାତା ମାନସ ଚନ୍ଦ୍ର ପଟ୍ଟନାୟକ, ଦାଶରଥି ଶ୍ରୀଚନ୍ଦନ, ଉମେଶ ପଟ୍ଟନାୟକଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବ୍ୟକ୍ତିବିଶେଷ ଓ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଗ୍ରାମ ପଟ୍ଟନାୟକଙ୍କ ସମେତ ଅନ୍ୟ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପଲ୍ଲୀ ଉତ୍ସବ ପଡିଆରେ ଡ୍ରାଗନ ଟ୍ରେନ୍, ରାମଦୋଳି, ମଥୁରା କେକ୍, ଲଙ୍କା ଚପ୍ ଏବଂ ମୀନାବଜାରରେ ଲୋକଙ୍କ ଭିଡ଼ ଜମିଥିଲା। ଗଣେଶ ଭସାଣି ପର୍ଯ୍ୟନ୍ତ ମୀନାବଜାର ଏବଂ ଦୋକାନ ଖୋଲା ରହିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ୮ ସେପ୍ଟେମ୍ବର, ୨୦୨୨



## ଆଜି କ'ଣ କେଉଁଠି

କଟକ

- ଓଡ଼ିଶା ଷ୍ଟେଟ୍ ସବ୍ ଜୁନିୟର୍ ବାସ୍କେଟ୍‌ବଲ ଚାମ୍ପିୟନ୍‌ସିପ୍, ଜେଏନ୍ ଇନ୍‌ଡୋର ଷ୍ଟାଡିୟମ୍, ଅପରାହ୍ନ ୪ଟା।

## ସଂକ୍ଷେପରେ

### ଠକେଇ, ଅଭିଯୁକ୍ତ ଗିରଫ

ମଙ୍ଗୁଳି,୭।୯(ଡି.ଏନ୍.ଏ.)- ଠକେଇ ଅଭିଯୋଗରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଜଗତ୍‌ପୁର ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ପୁରୀ ଜିଲା ବଳଙ୍ଗା ଥାନା ଅଧୀନ ନୂଆ ଗୋପାଳପୁର ଗ୍ରାମର ଭାସ୍କର ପଣ୍ଡା(୫୪)। ପୋଲିସ ସୂଚନା ମୁତାବକ, ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅନ୍ତର୍ଗତ ପରହାଟଗ୍ରାମର ପ୍ରକାଶ ପଣ୍ଡା ୨୦୧୭ରେ ଭାସ୍କରଙ୍କୁ ୪ଲକ୍ଷ ଟଙ୍କା ଦେଇ ଏକ ପୁରୁଣା ଟିପ୍ପର (ନଂ.ଓଆର୍‌୦୫ଜେଡ-୭୦୭୧) କିଣିଥିଲେ। ଟିପ୍ପର କିଣିବାର ଦୀର୍ଘବର୍ଷ ପରେ ମଧ ଭାସ୍କର ଗାଡ଼ି କାଗଜପତ୍ର ପ୍ରକାଶଙ୍କ ନାମରେ ଆରଟିଓରେ ପରିବର୍ତ୍ତନ କରି ନ ଥିଲେ। ଇତିମଧ୍ୟରେ ଗାଡିର ଫିଟ୍‌ନେସ୍ ସରି ଯାଇଥିଲା। ଫଳରେ ଗାଡିର କାଗଜପତ୍ର ଓ ଫିଟ୍‌ନେସ୍ କରିବା ପାଇଁ ପ୍ରକାଶ ଉକ୍ତ ଟିପରକୁ ପୁନଶ୍ଚ ଭାସ୍କରଙ୍କୁ ଦେଇଥିଲେ। ଦୀର୍ଘ ମାସ ପରେ ପ୍ରକାଶ ଟିପର ନ ପାଇବାରୁ ଏ ନେଇ ଗତ ଏପ୍ରିଲ ୧୪ରେ ସେ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ.୧୫୧/୨୨)ରୁଜୁ କରି ତଦନ୍ତ ଚଳାଇଥିଲା।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ମାହାଙ୍ଗା, ୭।୯(ସ୍ୱ.ପ୍ର.): ମାହାଙ୍ଗା ଥାନା ଅନ୍ତର୍ଗତ ସିପୁରା ଗ୍ରାମର ଏକ ଜାମୁକୋଳି ଗଛରୁ କାର୍ତ୍ତିକ ଦାସ (୩୮)ଙ୍କ ମୃତଦେହକୁ ପୋଲିସ ବୁଧବାର ଜବତ କରିଛି। ସେ ଘର ପଛପଟ ଜାମୁକୋଳି ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ତାଙ୍କ ବଡଭାଇ ଗଣେଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ମେଡିକାଲ ପଠାଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨୮/୨୨) ରୁଜୁ କରିବା ସହ ତଦନ୍ତ ଚଳାଇଛି।

### କଂଗ୍ରେସରେ ମିଶିଲେ ବିଜେଡି କର୍ମୀ

କଟକ ଅଫିସ,୭।୯: କଲେଜଛକସ୍ଥିତ କଟକ ନଗର (ଜିଲା) କଂଗ୍ରେସ କାର୍ଯ୍ୟାଳୟରେ ବୁଧବାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ବିଜେଡି କର୍ମୀ ଓ ନେତା କଂଗ୍ରେସରେ ଯୋଗଦେଇଛନ୍ତି। ବିଜେଡି ନେତା ସେକ୍ ଜାଫରଉଦ୍ଦିନଙ୍କ ନେତୃତ୍ୱରେ ରବିନସନ ପିଟର, କୁମାର ସଙ୍ଗୀତ ପିଟର, ମେହେର ନିଖାର, କବିରନ୍ ନିସା, ଅଫ୍‌ସାନା ବେଗମ୍, ହସିନା ବିବି, ସାନିୟା ଖାତମଙ୍କ ସମେତ ବହୁ କର୍ମୀ କଂଗ୍ରେସରେ ସାମିଲ ହୋଇଛନ୍ତି। କଟକ ନଗର (ଜିଲା) କଂଗ୍ରେସ ସଭାପତି ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଙ୍କନିଧି ବେହେରା, ବରଦା ସାହୁ, ରାଜେନ୍ଦ୍ର ପଟ୍ଟନାୟକ, ବିପିନ ପଶାୟତ ଓ ମାନସ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ରାସ୍ତାରେ ଛିଣ୍ଡିପଡ଼ିଲା ବିଦ୍ୟୁତ୍ ତାର, ଯାତାୟାତ ବାଧାପ୍ରାପ୍ତ

ଚୌଦ୍ୱାର, ୭।୯(ଡି.ଏନ୍.ଏ.)- ୫୫ନଂ. ଜାତୀୟ ରାଜପଥର ଚୌଦ୍ୱାର କଲେଜ ଛକ ନିକଟରେ ବୁଧବାର ଅପରାହ୍ନ ପ୍ରାୟ ୪ଟାରେ ଏକ ବିଦ୍ୟୁତ୍ ଖୁଣ୍ଟରୁ ତାର ଛିଣ୍ଡି ପଡିଥିଲା। ଏହି ସମୟରେ ପିଲାଙ୍କୁ ନେଇ ଯାଉଥିବା ଜଣେ ବାଇକ୍ ଆରୋହୀ ତାରରେ ଛନ୍ଦି ହୋଇ ସାମାନ୍ୟ ଆହତ ହୋଇଥିଲେ। ଏହାକୁ ଦେଖି ରାସ୍ତାରେ ଯାଉଥିବା ଲୋକମାନେ ଭୟରେ ଏଣେତେଣେ ଦୌଡିବାକୁ ଲାଗିଥିଲେ। ଏହାକୁ ନେଇ କିଛି ସମୟ ପାଇଁ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଅପରାହ୍ନ ପ୍ରାୟ ସାଢେ ୪ଟାରେ ଟାଟାପାୱାର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତାର ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

### ରାଜବାଟୀ ପାଚେରି ଭାଙ୍ଗି ଚନ୍ଦନଗଛ ଚୋରି ଉଦ୍ୟମ

ବଡମ୍ବା,୭।୯(ଡି.ଏନ.ଏ.): ବଡ଼ମ୍ବା ରାଜବାଟୀ ପାଚେରି କାନ୍ଥ ଭାଙ୍ଗି ମଙ୍ଗଳବାର ରାତିରେ କେହି ଦୁର୍ବୃତ୍ତ ଭିତରେ ଥିବା ଏକ ଚନ୍ଦନ ଗଛକୁ କଟି ଚୋରି କରିବାକୁ ଉଦ୍ୟମ କରିଥିଲେ। ଏନେଇ ବଡ଼ମ୍ବା ଥାନାରେ କୁମାର ସାହେବ ତ୍ରିଭୁବନ ଚନ୍ଦ୍ର ଦେବ ଅଭିଯୋଗ କରିଛନ୍ତି। ରାତିରେ ଦୁର୍ବୃତ୍ତମାନେ ଚନ୍ଦନ ଗଛ କାଟୁଥିବା ବେଳେ ରାଜବାଟୀରେ ଥିବା କୁକୁର ଭୁକିବାରୁ ରାଜମାତା ଉଠି ଟର୍ଚ୍ଚ ପକାଇଥିଲେ। ଏହା ଦେଖି ଦୁର୍ବୃତ୍ତମାନେ ଅଧା କଟାଯାଇଥିବା ଚନ୍ଦନ ଗଛକୁ ଛାଡି ପଳାଇଥିଲେ। ପୋଲିସ ରାଜବାଟୀ ପରିସରକୁ ଯାଇ ଏହାର ତଦନ୍ତ କରିଛି।

# ପଞ୍ଚମୀରେ ଉଦ୍‌ଘାଟନ ହେବ ଚାନ୍ଦିମେଢ଼

କଟକ ଅଫିସ, ୭।୯






କରୋନା ମହାମାରୀ ଯୋଗୁ ଦୁଇବର୍ଷ ଧରି ଫିକା ପଡିଥିବା ଶାରଦୀୟ ଦୁର୍ଗାପୂଜା ଚଳିତବର୍ଷ ମହାଆଡମ୍ବରପୂର୍ଣ୍ଣ କରିବା ପାଇଁ କଲେଜ ଛକ ପୂଜା ପ୍ରତିଷ୍ଠାନ ନିଷ୍ପତ୍ତି ନେଇଛି। ଏବେଠାରୁ ପୂଜା ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ତେବେ ଚଳିତବର୍ଷ ଏହି ପୂଜା ପ୍ରତିଷ୍ଠାନ ପକ୍ଷରୁ ପ୍ରଥମଥର ଚାନ୍ଦିମେଢ ନିର୍ମାଣ କରାଯାଉଛି। ଏହାର ଓଜନ ପ୍ରାୟ ୩ କୁଇଣ୍ଟାଲ ହେବ। ୨/୩ ବର୍ଷ ହେବ ଏହି ପୂଜା ପ୍ରତିଷ୍ଠାନ ଚାନ୍ଦିମେଢ ନିର୍ମାଣ କରିବାକୁ ଯୋଜନା କରୁଥିବାବେଳେ କୋଭିଡ୍ ପାଇଁ ସମ୍ଭବ ହୋଇପାରୁ ନ ଥିଲା । ପୂର୍ବରୁ ମା'ଙ୍କ ପାଇଁ ୧ କେଜି ଓଜନର ସୁନାମୁକୁଟ ପ୍ରସ୍ତୁତ କରାଯାଇଛି। ଚଳିତବର୍ଷ ପୂଜା ପାଇଁ ପ୍ରାୟ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ବଜେଟ ପ୍ରସ୍ତୁତ କରାଯାଇଛି। ବିଶେଷକରି ଆଲୋକୀକରଣ ଓ ସାଜସଜ୍ଜାକୁ ଗୁରୁତ୍ୱ ଦିଆଯାଇଛି। ପୂଜା ସମୟରେ ପ୍ରାୟ ୧୦ କୁଇଣ୍ଟାଲ ଲଡୁ ବଣ୍ଟନ କରାଯିବ ବୋଲି ପୂଜା ପ୍ରତିଷ୍ଠାନ ପକ୍ଷରୁ ସ୍ଥିର କରାଯାଇଛି। ୧୯୪୮ ମସିହାରେ ପ୍ରଥମକରି ଏଠାରେ ପୂଜା ଆରମ୍ଭ ହୋଇଥିଲା। ଚାଳଘରେ ହରପାର୍ବତୀଙ୍କୁ ପୂଜା କରାଯାଉଥିଲା। ତେବେ ପୂଜା ଆରମ୍ଭ ହେବାର ୧୭ ବର୍ଷପରେ ମା' ଦୁର୍ଗା ମୂର୍ତ୍ତି ନିର୍ମାଣ କରାଯାଇ ପୂଜା କରାଗଲା। ୧୯୬୪ରେ ନୂତନ ମଣ୍ଡପ ନିର୍ମାଣ କରାଯାଇଥିଲା। ସେହି ସମୟରୁ ଏପର୍ଯ୍ୟନ୍ତ ଉକ୍ତ ମଣ୍ଡପରେ ମା'ଙ୍କୁ ପୂଜା କରାଯାଇଆସୁଛି।



"ବିଗତ ବର୍ଷ ଅପେକ୍ଷା ଚଳିତବର୍ଷ ପୂଜାକୁ ଜାକଜମକରେ ପାଳନ କରିବା ପାଇଁ ପୂଜା ପ୍ରତିଷ୍ଠାନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ନୂତନ ମେଢ ସାଙ୍ଗକୁ ଲାଇଟ୍, ଟେଣ୍ଟ ଆଦିରେ ନୂତନ ଛାପ ଦେଖିବାକୁ ମିଳିବ। ପୂଜାରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପୂଜା ପ୍ରତିଷ୍ଠାନର ମୂଳ ଲକ୍ଷ୍ୟ।

**–ଉତ୍ତମ ବେହେରା, ସଭାପତି**



"କରୋନା ମହାମାରୀ ଯୋଗୁ ବିଧି ଅନୁଯାୟୀ ପୂଜା କରାଯାଉଥିଲା। ଚଳିତବର୍ଷ କରୋନା କଟକଣା ନ ଥିବାରୁ ଆଡମ୍ବରପୂର୍ଣ୍ଣ ପୂଜା କରିବାକୁ ଯୋଜନା ରହିଛି। ନୂତନ ଚାନ୍ଦିମେଢ ଆସନ୍ତା ୩୧ ତାରିଖରେ ପୋଲିସ କମିଶନରଙ୍କ ଦ୍ୱାରା ଉଦ୍‌ଘାଟନ କରାଯିବ।

**–ଜଗନ୍ନାଥ ସାହୁ, ସମ୍ପାଦକ**

# ସିଆର୍‌ଆର୍‌ଆଇ ଥାନା ଉଦ୍‌ଘାଟିତ




ଥାନା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଡିଜିପି ସୁନୀଲ୍ ବଂଶଲ ଓ ଅନ୍ୟମାନେ।

କଟକ ଅଫିସ, ୭।୯

## ନିଯୁକ୍ତି ହୋଇନାହାନ୍ତି ଥାନା ଅଧିକାରୀ

କଟକ ସହରାଞ୍ଚଳ ପୋଲିସ ଅଧୀନରେ କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ(ସିଆର୍‌ଆର୍‌ଆଇ)ଥାନା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଡିଜିପି ସୁନୀଲ ବଂଶଲ ଉଦ୍‌ଘାଟନ କରିଥିଲେ। ହେଲେ ଏଠାରେ ଥାନାଧିକାରୀଙ୍କୁ ନିଯୁକ୍ତି ଦିଆଯାଇନାହିଁ। ଏନେଇ ଡିସିପି ପିନାକ ମିଶ୍ର କହିଛନ୍ତି, ଆଗାମୀ ଦିନରେ ଥାନାଧିକାରୀଙ୍କୁ ନିଯୁକ୍ତି ଦିଆଯିବ। ଏହି ଥାନା ହେବା ଫଳରେ ବହୁ ସଂଖ୍ୟକ ଲୋକଙ୍କ ସମସ୍ୟାର ସମାଧାନ ହେବା ସହ ଅପରାଧ ନିୟନ୍ତ୍ରଣରେ ବେଶ୍ ସହାୟକ ହେବ ବୋଲି ଡିଜିପି ବଂଶଲ ଆଶାବ୍ୟକ୍ତ କରିଛନ୍ତି। ଏଥିସହ ଡିଜିପି କହିଛନ୍ତି, ପୋଲିସ ବିଭାଗରେ ଖାଲି ଥିବା ପଦବୀ ଖୁବ୍‌ଶୀଘ୍ର ପୂରଣ କରାଯିବ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଡିସିପି ପିନାକ ମିଶ୍ର, ସିଏମ୍‌ସି ମେୟର ସୁବାସ ସିଂ ଓ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



ଚାଉଳିଆଗଞ୍ଜ ଅଞ୍ଚଳରେ ବୁଧବାର ଅନୁଷ୍ଠିତ ଖୁଦୁରୁକୁଣୀ ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିବା ମେଢ।

# ଚାଉଳିଆଗଞ୍ଜ ଖୁଦୁରୁକୁଣୀ ଭସାଣି ଉତ୍ସବ

କଟକ ଅଫିସ, ୭।୯

ଚାଉଳିଆଗଞ୍ଜ ପ୍ରସିଦ୍ଧ ଖୁଦୁରୁକୁଣୀ ଭସାଣି ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ୧୭ଟି ପୂଜା ମଣ୍ଡପରେ ଖୁଦୁରୁକୁଣୀଙ୍କୁ ପୂଜା କରାଯାଇଥିଲା। ବୁଧବାର ଅପରାହ୍ନ ୪ଟା ସୁଦ୍ଧା ସବୁ ମେଢ଼ ଚାଉଳିଆଗଞ୍ଜ ଖେଳପଡିଆରେ ଏକତ୍ରିତ ହୋଇଥିଲେ। ଏହାପରେ ନମ୍ବର ଅନୁଯାୟୀ ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଚାଉଳିଆଗଞ୍ଜ ଖେଳପଡିଆରୁ ମେଢ଼ ବାହାରି ମଠସାହି, ସାହିଛକ, ଥଟାରିସାହି, ଗାନ୍ଧୀଛକ, ନୀଳାଦ୍ରି ବିହାର, କୈବଲ୍ୟ ବିହାର, ଅପର୍ଣ୍ଣାନଗର ମୁଖ୍ୟରାସ୍ତା, ଦୁର୍ଗାଛକ ଦେଇ ତଳସାହିରେ ପହଞ୍ଚିଥିଲା। ଭସାଣି ଶୋଭାଯାତ୍ରାରେ ରଙ୍ଗବେରଙ୍ଗର ଆଲୋକମାଳା ସହ ବ୍ରହ୍ମପୁରର ବାଜା, ଜଗତ୍‌ସିଂହପୁରର ଘଣ୍ଟୁଆ, ଯାଜପୁରର ଶଙ୍ଖୁଆ ମୁଖ୍ୟ ଆକର୍ଷଣ ପାଲଟିଥିଲେ। ତେବେ ଶାନ୍ତିଶୃଙ୍ଖଳାରେ ଭସାଣି ଉତ୍ସବ ସମାପନ କରିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

# ଜାତୀୟ ଚକ୍ଷୁଦାନ ପକ୍ଷ ପାଳିତ

କଟକ ଅଫିସ, ୭।୯

ଜାତୀୟ ଚକ୍ଷୁଦାନ ପକ୍ଷ ପାଳନ ଅବସରରେ ଜୀବନଦାନ ଅଭିଯାନ ପକ୍ଷରୁ ସିଡିଏସ୍ଥିତ ଅଭିନବ ବିଡାନାସୀ ସମ୍ମିଳନୀ କକ୍ଷରେ ଏକ ସଚେତନତା ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସଭାପତି ପ୍ରଦୀପ କୁମାର ସିହ୍ନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓଡ଼ିଶା ହେତୁବାଦୀ ସମାଜର ସମ୍ପାଦକ ଦେବେନ୍ଦ୍ର ସୁତାର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ପୃଥିବୀରେ ପାଞ୍ଚଜଣ ଦୃଷ୍ଟିହୀନଙ୍କ ଭିତରୁ ଜଣେ ଭାରତୀୟ। ପ୍ରାୟ ୩୦ଟି କାରଣ ଯୋଗୁ ଜଣେ ଦୃଷ୍ଟିହୀନ ହୋଇଥାଏ। ଭାରତରେ କର୍ନିଆ ଜନିତ ଦୃଷ୍ଟିହୀନଙ୍କ ସଂଖ୍ୟା ପ୍ରାୟ ୩୫ ଲକ୍ଷ। ମୃତ୍ୟୁପରେ ଆମେ ଚକ୍ଷୁଦାନ କଲେ କର୍ନିଆ ଜନିତ ଦୃଷ୍ଟିହୀନ ବ୍ୟକ୍ତି ଏ ଦୁନିଆକୁ ଦେଖିବାକୁ ସୁଯୋଗ ପାଆନ୍ତେ। ଦୁଃଖର ବିଷୟ ଏସ୍‌ସିବି ମେଡିକାଲରେ ଏପର୍ଯ୍ୟନ୍ତ କର୍ନିଆ ପ୍ରତିରୋପଣ କରାଯାଇ ପାରିନାହିଁ ବୋଲି ସେ କହିଥିଲେ। ଏହି ସଭାରେ ଶ୍ୟାମସୁନ୍ଦର ମହାନ୍ତି, ଭିକାରୀ ଚରଣ ଦାଶ, ଲମ୍ବୋଦର ମହାରଣା, ଦୁର୍ଗାପ୍ରସାଦ ମିଶ୍ର ପ୍ରମୁଖ ବକ୍ତବ୍ୟ ଦେଇଥିଲେ। କୁଞ୍ଜବିହାରୀ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ସମର୍ଥକଙ୍କ ସହ ରାଲିରେ ଆସିଲେ ବିଧାୟକ

କଣ୍ଟାପଡା, ୭।୯(ଡି.ଏନ୍.ଏ.)

## କୁଶପୁତ୍ତଳିକା ଦାହ ଭୟ

କଣ୍ଟାପଡା ବ୍ଲକ ପଞ୍ଚାୟତ ସମିତିର ତୃତୀୟ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗଦେବା ପାଇଁ ବିଧାୟକ ପ୍ରମୋଦ ମଲ୍ଲିକ ବିରୋଧ ଗୋଷ୍ଠିଙ୍କ ଦ୍ୱାରା ତାଙ୍କ କୁଶପୁତ୍ତଳିକା ଦାହ ଭୟରେ କଣ୍ଟାପଡା ବ୍ଲକ ପର୍ଯ୍ୟନ୍ତ ରାଲିରେ ଆସିବା ଓ ବୈଠକରେ ତାଙ୍କ କଥା ଶୁଣା ନ ଯିବାରୁ ସେ ଅଧାରୁ ପଳାଇଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, କଣ୍ଟାପଡା ପଞ୍ଚାୟତ ସମିତି ବୈଠକ ହୋଇଥିଲା। ତେବେ ନିଆଳିସ୍ଥିତ ଏକ ମନ୍ଦିରର ଜଗନ୍ନାଥଙ୍କ ମୂର୍ତ୍ତି ସମ୍ମୁଖରେ ବିଧାୟକ ଚେୟାରରେ ବସି ଖାଉଥିବା ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହାକୁ ବିରୋଧୀ ଦଳ ସମାଲୋଚନା କରିବା ସହ ବୁଧବାର ନିଆଳି ଓ କଣ୍ଟାପଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଧାୟକଙ୍କ କୁଶପୁତ୍ତଳିକା ଦାହ କରାଯିବ ବୋଲି ଘୋଷଣା କରାଯାଇଥିଲା। ମଙ୍ଗଳବାର ସ୍ଥାନୀୟ ପୋଲିସ ପ୍ରଶାସନ ବିରୋଧୀ ଦଳର ଛାମୁଆ ନେତାଙ୍କୁ ବୁଝାଶୁଝା କରି ଏଥିରୁ ନିବୃତ୍ତ କରାଇଥିଲେ। ତେବେ କୁଶପୁତ୍ତଳିକା ଦାହକୁ କାଉଣ୍ଟର କରିବା ପାଇଁ ବିଧାୟକ ମଲ୍ଲିକ ପଞ୍ଚାୟତ ସମିତି ବୈଠକରେ ଯୋଗଦେବାକୁ ବଡଝରିଲୋଠାରୁ ସମର୍ଥକଙ୍କ ସହ ବାଇକ୍‌ରେ ଆସି କଣ୍ଟାପଡା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପଞ୍ଚାୟତ ସମିତି ଅଧକ୍ଷା ଜିନା ଭୋଇଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଶାସକ ଦଳର ଜଣେ ସରପଞ୍ଚ ବ୍ଲକକୁ ଆସୁଥିବା ସମସ୍ତ ଉନ୍ନୟନ କାର୍ଯ୍ୟ ଓ ଯୋଜନାଗୁଡିକ ବିଧାୟକଙ୍କ ମାଧମରେ କରାଯିବାକୁ ପ୍ରସ୍ତାବ ଦେଇଥିଲେ। ଏହାକୁ ନେଇ ଅଧକ୍ଷା ଜିନା ପ୍ରତିକ୍ରିୟା ପ୍ରକାଶ କରିବା ସହ ସମିତିକୁ ଆସୁଥିବା ପାଣ୍ଠି ଓ ସମିତି ମଧମରେ କରିବାକୁ ଥିବା ଯୋଜନାରେ ବିଧାୟକ କ'ଣ ପାଇଁ ହସ୍ତକ୍ଷେପ କରିବେ ବୋଲି କହିଥିଲେ। ଜଣେ ଜିଲାପରିଷଦ ସଭ୍ୟ ବିଡିଓଙ୍କୁ ଅସାମ୍ମନ କରିବା ଭଳି କଥା କହିବାରୁ କଣ୍ଟାପଡା ସରପଞ୍ଚ ନିର୍ମଳ ସାହୁ ସମ୍ପୃକ୍ତ ସଭ୍ୟଙ୍କୁ ବିରୋଧ କରିଥିଲେ। ଏହାକୁ ନେଇ ଅଭିମାନ କରିବା ସହ ବିଧାୟକ ମଲ୍ଲିକ ବୈଠକରୁ ଚାଲିଯାଇଥିଲେ। ତାଙ୍କ ସହିତ କେତେଜଣ ଲୋକ ପ୍ରତିନିଧି ମଧ ଯାଇଥିଲେ। ପରେ ବୈଠକରେ ୧୨ଟି ପ୍ରସ୍ତାବ ଉପରେ ଉପସ୍ଥିତ ସଦସ୍ୟମାନେ ଆଲୋଚନା କରିଥିଲେ। ଏ ନେଇ ବିଧାୟକ ମଲ୍ଲିକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କାରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଏହି ବୈଠକରେ କଣ୍ଟାପଡା ବିଡିଓ ସନ୍ତୋଷ ପତି, ଉପାଧକ୍ଷ ଯତୀନ୍ଦ୍ର ବରାଳଙ୍କ ସମେତ ବିଭିନ୍ନ ବିଭାଗରେ ଅଧିକାରୀ ଯୋଗ ଦେଇଥିଲେ।

# ଉତ୍କଳୀୟ ନବବର୍ଷ ଆରମ୍ଭ

ପୁରୀ ଅଫିସ, ୭।୯

- ଶ୍ରୀନଅରରେ ସୁନିଆ ନୀତି ସମ୍ପନ୍ନ
- ୬୫ ଅଙ୍କ, ୧୪୩୦ ସାଲ ଆରମ୍ଭ

ଭାଦ୍ରବ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ବୁଧବାର ଶ୍ରୀନଅରରେ ସୁନିଆ ନୀତି ସମ୍ପନ୍ନ ହୋଇଛି। ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଶାସନରେ ୬୪ ଅଙ୍କ ଶେଷ ହୋଇ ୬୫ ଅଙ୍କ ଓ ୧୪୩୦ ସାଲ ଆରମ୍ଭ ହୋଇଛି। ସୁନିଆରୁ ଉତ୍କଳୀୟ ସାଂସ୍କୃତିକ ଓ ସାମାଜିକ ଜୀବନରେ ଗଜପତିଙ୍କ ନାମରେ ଉତ୍କଳ ନବବର୍ଷ ଆରମ୍ଭ ହୋଇଥାଏ। ଓଡ଼ିଆ ପାଇଁ ଜାତକର ବର୍ଷ, ମାସ, ତାରିଖ, ତିଥି ଓ ନକ୍ଷତ୍ର ଗଜପତିଙ୍କ ନାମରେ ଉଲ୍ଲେଖ ହୋଇଥାଏ। ସୁନିଆ ଦିନଠାରୁ ଗଜପତି ମହାରାଜାଙ୍କ ଗାଦିନାସୀନ ବର୍ଷର ଗଣନା କରାଯାଇଥାଏ।

ସୁନିଆରେ ଶ୍ରୀନଅରରେ ରାଜ ପରମ୍ପରା ଅନୁଯାୟୀ ନୀତି ସମ୍ପନ୍ନ ହୋଇଥିଲା। ଶ୍ରୀନଅରର ବିଭିନ୍ନ ସ୍ଥାନରେ ଝୋଟି ପକାଯାଇଥିଲା। ସକାଳୁ ରାଜଗୁରୁମାନେ ଶୁଭଖୁଣ୍ଟି ଅନୁକୂଳ କରି ଯଥାବିଧି ଦେବାର୍ଚ୍ଚନା ନୀତି ସମ୍ପନ୍ନ କରିଥିଲେ। ସନ୍ଧ୍ୟାରେ ପଞ୍ଚଦେବତା ଓ ରାମାଭିଷେକ ପୂଜା ହୋଇଥିଲା। ପରେ ମଙ୍ଗଳାର୍ପଣ ନୀତି ହୋଇ ଅନ୍ୟାନ୍ୟ ନୀତି ସମ୍ପନ୍ନ କରାଯାଇଥିଲା। ଏକ ସୁନା ମୋହରରେ ୬୫ ଅଙ୍କ କଟାଯାଇ ଘୋଷଣା କରାଯାଇଥିଲା। ପରେ ଷୋହଳଶାସନ ବ୍ରାହ୍ମଣମାନେ ଗଜପତିଙ୍କୁ ଗୋଟିଏ ଲେଖାଏ ନଡ଼ିଆ ଭେଟି ଦେଇ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ଆର୍ଶୀବାଦ ପ୍ରଦାନ କରିଥିଲେ। ପରେ ଗଜପତିଙ୍କୁ ପ୍ରଜା ଓ କର୍ମଚାରୀମାନେ ସୁନିଆ ଭେଟି ଦେଇଥିଲେ। ଗବେଷକଙ୍କ ସୂଚନା ଅନୁଯାୟୀ, ସୁନିଆରୁ ଗଜପତି ମହାରାଜାଙ୍କ ନବବର୍ଷ ଆରମ୍ଭ ହୋଇଥାଏ। ଚଳିତବର୍ଷ ଗଜପତି ମହାରାଜାଙ୍କ ୬୫ ଅଙ୍କ ପ୍ରଚଳିତ ହେଲା ଓ ୧୪୩୦ ସାଲ ପ୍ରବେଶ କଲା। ଅଙ୍କ କଟାର ପରମ୍ପରା ଅଦ୍ୟାବଧି ପ୍ରଚଳିତ ରହିଛି ବୋଲି ରାଜଗୁରୁ କହିଛନ୍ତି।



ରାଜ ପରମ୍ପରା ଅନୁଯାୟୀ ଶ୍ରୀନଅରରେ ସୁନିଆ ନୀତି ସମ୍ପନ୍ନ କରାଯାଉଛି।

# ରାସ୍ତା ନିର୍ମାଣ କାର୍ଯ୍ୟ ତଦାରଖ କଲେ ସିଏମ୍‌ସି ମେୟର

କଟକ ଅଫିସ,୭।୯

ପୁରୀଘାଟଠାରୁ ଗଣେଶ ଘାଟ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟର ତଦାରଖ କରିଛନ୍ତି କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ। ଲଘୁଚାପ ବର୍ଷାରେ ଉକ୍ତ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଥିଲା। ପୂର୍ତ୍ତ ବିଭାଗ ପକ୍ଷରୁ ମଙ୍ଗଳବାର ରାସ୍ତା କାମ କରାଯାଉଥିଲା। ରାତି ପ୍ରାୟ ୧୨ଟାରେ ମେୟର ସେଠାରେ ପହଞ୍ଚି ରାସ୍ତା କାମ ତଦାରଖ କରିଥିଲେ। ମେୟରଙ୍କ ପରିଦର୍ଶନବେଳେ କ୍ଷିରୋଦ ସ୍ୱାଇଁ, ଅମୂଲ୍ୟ ସାମନ୍ତରାୟ, ଜଗନ୍ନାଥ ସ୍ୱାଇଁ ଓ ଦେବେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟରେ ଅପହରଣ, ବଳାତ୍କାର ସଂଖ୍ୟା ବଢୁଛି

କଟକ ଅଫିସ, ୭।୯



ପଥପ୍ରାନ୍ତ ସଭାରେ ଯୋଗଦେଇଥିବା ଭାଜପା କଟକ ନଗର ମହିଳା ମୋର୍ଚ୍ଚାର କର୍ମୀମାନେ।

## ଭାଜପା କଟକନଗର ମହିଳା ମୋର୍ଚ୍ଚା ପକ୍ଷରୁ ପଥପ୍ରାନ୍ତ ସଭା

ଭାଜପା କଟକ ନଗରର ମହିଳା ମୋର୍ଚ୍ଚା ପକ୍ଷରୁ ବୁଧବାର ନୟାସଡ଼କ ଛକରେ ମହିଳା ଓ ଶିଶୁଙ୍କ ସୁରକ୍ଷା ସମ୍ପର୍କିତ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା କଟକ ନଗର ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରବୀଣା ମହାପାତ୍ର କହିଛନ୍ତି, ଏନ୍‌ସିଆର୍ ରିପୋର୍ଟ ଅନୁସାରେ ଓଡ଼ିଶାରେ ମହିଳା ସମ୍ପୂର୍ଣ୍ଣ ଅସୁରକ୍ଷିତ। ପ୍ରତିବର୍ଷ ଓଡ଼ିଶାରେ ଅପହରଣ ଓ ବଳାତ୍କାର ସଂଖ୍ୟା ବଢ଼ିଚାଲିଛି। ନିଖୋଜ ଥିବା ଶିଶୁମାନଙ୍କୁ ଉଦ୍ଧାର କରିବାକୁ ଓଡ଼ିଶା ସରକାର ଆନ୍ତରିକତା ଦେଉନାହାନ୍ତି। ଏସବୁର ନିରାକରଣ ନ କରାଗଲେ ରାଜ୍ୟ ସରକାରଙ୍କୁ କଟକରେ ସବୁସ୍ଥାନରେ ବିରୋଧ କରାଯିବ ବୋଲି ସେ କହିଛନ୍ତି। ସେହିପରି ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁ କହିଥିଲେ, ମହିଳା ଓ ଶିଶୁ ସୁରକ୍ଷା ବିଷୟରେ ଜନ ଜାଗରଣ କରାଯିବ। ଏହି ସଭାରେ ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ରଶ୍ମିରେଖା ଦାସ, ବିଷ୍ଣୁପ୍ରିୟା ବେହେରା, କଳ୍ପନା ପଟ୍ଟନାୟକ, ଅମ୍ବିକା ଦାସ, ସଂଯୁକ୍ତା ମିଶ୍ର, ନମିତା ମିଶ୍ର, ଅଳକା ମହାନ୍ତି, ମନୋରମା ରାଉତ, କଲ୍ୟାଣୀ ମହଲା, ସବିତା ବେହେରା, ସ୍ୱର୍ଣ୍ଣଲତା ସେଠୀ, ସୁଚିତ୍ରା ସେନାପତି ପ୍ରମୁଖ ଉପସ୍ଥିତ ଥିଲେ ।

# ବିଡିଏ ଫିଲ୍ଡ ଇନ୍‌ସପେକ୍ଟର ଗିରଫ

## ବିବାହ ଆଳରେ ଶାରୀରିକ ସମ୍ପର୍କ, ଠକେଇ

- ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରାଲ, ହତ୍ୟା ଧମକ ଦେଉଥିଲେ
- ବିଡିଏ ପ୍ଲାନ୍ ଦେବାକୁ କହି ଠକିଥିଲେ ୫୦ ହଜାର

ଭୁବନେଶ୍ୱର,୭।୯ (ବ୍ୟୁରୋ)

ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ଓ ଠକେଇ ପରେ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରାଲ ସହ ହତ୍ୟା ଧମକ ଦେଇ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ଜଣେ ଫିଲ୍ଡ ଇନ୍‌ସପେକ୍ଟର (ପ୍ଲାନିଂ) ଗିରଫ ହୋଇଛନ୍ତି। ସେ ହେଲେ ଚନ୍ଦକା ଥାନା ଅନ୍ତର୍ଗତ ସିମୁଳିପାଟଣା ଗ୍ରାମର ମନୋରଞ୍ଜନ ଦାସ(୩୦)। ଲକ୍ଷ୍ମୀସାଗର ଥାନା ପୋଲିସ ମନୋରଞ୍ଜନଙ୍କୁ ଗିରଫ ପରେ ବୁଧବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ଠକେଇ ଓ ପ୍ରତାରଣାର ଶିକାର ହୋଇଥିବା ଅଭିଯୋଗକାରିଣୀ ମହିଳା ଜଣକ ଏହି ଥାନାଞ୍ଚଳରେ ରୁହନ୍ତି। ସେ ବିଡିଏ ଅଫିସ ନିକଟରେ ଥିବା ଏକ ଘରୋଇ ବ୍ୟାଙ୍କରେ କାର୍ଯ୍ୟ କରୁଥିଲେ। ୭ବର୍ଷ ତଳେ ସେଠାରେ ମନୋରଞ୍ଜନଙ୍କ ସହ ତାଙ୍କର ବନ୍ଧୁତା ହୋଇଥିଲା। ସମ୍ପର୍କ ଯୋଡିହେବାର ୨ ବର୍ଷ ପରେ ଅଭିଯୋଗକାରିଣୀଙ୍କର ଅନ୍ୟ ସ୍ଥାନରେ ବିବାହ ହୋଇଥିଲା। ହେଲେ ବିବାହର ୭ଦିନ ପରେ ଅଭିଯୋଗକାରିଣୀଙ୍କୁ ତାଙ୍କ ଶାଶୁଘର ଲୋକେ ତଡ଼ି ଦେଇଥିଲେ। ଏହା ମନୋରଞ୍ଜନ ଜାଣିବା ପରେ ସାନ୍ତ୍ୱନା ଦେବା ଆଳରେ ମହିଳାଙ୍କର ନିକଟତର ହୋଇଥିଲେ। ଏଥିସହ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ରଖି ବାରମ୍ବାର ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏଥିସହ ତାଙ୍କଠାରୁ ସୁନା, ରୁପା ଅଳଙ୍କାର ଏବଂ ନଗଦ ଟଙ୍କାକୁ ମିଶାଇ ୭ ଲକ୍ଷ ଟଙ୍କା ଲୁଟିନେଇଥିଲେ। ଘର ନିର୍ମାଣ ପାଇଁ ବିଡିଏ ପ୍ଲାନ ଦେବାକୁ କହି ମଧ ୫୦ ହଜାର ଟଙ୍କା ନେଇଥିଲେ। ତେବେ ପରବର୍ତ୍ତୀ ସମୟରେ ବିବାହର କଥା ଉଠିବାରୁ ମନୋରଞ୍ଜନ ତାଙ୍କ ସହ ସମ୍ପର୍କ କାଟି ଦେଇଥିଲେ। ଫଟୋ ଭାଇରାଲ କରିଦେବାକୁ ଧମକ ଦେଇଥିଲେ। ଅଭିଯୋଗକାରିଣୀ ବିଡିଏ ଅଫିସ୍ ଯାଇ ବିବାହର କଥା ଉଠାଇବାରୁ ମନୋରଞ୍ଜନ ତାଙ୍କୁ ହତ୍ୟା ଧମକ ଦେବା ସହ ଆଉଜଣେ ଝିଅଙ୍କୁ ବବାହ କରିବାକୁ ଯାଉଥିବା କହିଥିଲେ। ତେଣୁ ଗତ ଫେବୃୟାରୀ ୯ରେ ମହିଳା ଜଣକ ଥାନାରେ ଏନେଇ ଅଭିଯୋଗ କରିଥିଲେ। ପୋଲିସ ଆଇପିସି ଦଫା ୪୧୭, ୪୨୦, ୩୭୬, ୩୫୪, ୫୦୬ରେ ଏକ ମାମଲା (ନଂ.୬୨/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହା ଜାଣିବା ପରେ ମନୋରଞ୍ଜନ ଫେରାର ହେବା ସହ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ପୋଲିସ ମଙ୍ଗଳବାର ବିଡିଏ ଅଫିସରେ ପହଞ୍ଚି ଅଭିଯୁକ୍ତ ମନୋରଞ୍ଜନଙ୍କୁ ଗିରଫ କରିଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୮ ସେପ୍ଟେମ୍ବର, ୨୦୨୨



## ଆମ୍ବୁଲାନ୍ସରେ ଲାଗିଲା ୪ ନୂଆ ଚକା

ଗୋପ, (ଡି.ଏନ୍.ଏ.): ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ୧୦୮ ଆମ୍ବୁଲାନ୍ସରେ ୪ଟି ନୂଆ ଚକା ଲଗାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ନିର୍ଦ୍ଦେଶରେ ଏହି ଚକା ଲଗାଯାଇଛି। ସୂଚନା ମୁତାବକ, ଗୋପ ସ୍ୱାସ୍ଥ୍ୟକେନ୍ଦ୍ରର ଆମ୍ବୁଲାନ୍ସ ଦୀର୍ଘ ୧ ମାସ ହେବ ପୁରୁଣା ଚକାରେ ଚାଲୁଥିଲା। ଏନେଇ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେବାରୁ ସେମାନେ ସେଥିରେ ଯିବାକୁ ଅମଙ୍ଗ ହେଉଥିଲେ। ଏ ସମ୍ପର୍କରେ ଧରିତ୍ରୀରେ ଗତ ୫ ତାରିଖରେ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇଥିଲା। ଏହାପରେ ମନ୍ତ୍ରୀ ଦାଶ ତୁରନ୍ତ ଜିଲାପାଳ ଓ ଜିଲା ଚିକିତ୍ସାଧିକାରୀଙ୍କୁ ଆମ୍ବୁଲାନ୍ସରେ ନୂଆ ଚକା ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ନୂଆ ଆମ୍ବୁଲାନ୍ସ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୭।୯।୨୦୨୨

| | |
|---|---|
| ୩,୭୦,୯୦୪ଟଙ୍କା | |
| ସୁନା | ୧୦.୮୦୦ ଗ୍ରାମ |
| ରୁପା | ୨୬.୫୦୦ ଗ୍ରାମ |

# ସିଂହଦ୍ୱାରରୁ ସିଧା ଦିଶିବ ସ୍ୱର୍ଗଦ୍ୱାର

ପୁରୀ ଅଫିସ,୭।୯

ସିଂହଦ୍ୱାରରୁ ସିଧା ଦିଶିବ ସ୍ୱର୍ଗଦ୍ୱାର। ଏଥିପାଇଁ ବାଲିସାହି ରାସ୍ତାକୁ ଚଉଡ଼ା କରିବା ଲାଗି ପ୍ରଶାସନ ନିଷ୍ପତ୍ତି ନେଇଛି। ବାଲିସାହି ଦେଇ ସମୁଦ୍ରକୂଳ ପର୍ଯ୍ୟନ୍ତ ଯାଇଥିବା ରାସ୍ତାକୁ ୪୦ ଫୁଟ୍ ସମ୍ପ୍ରସାରଣ କରାଯିବା ନେଇ ସ୍ଥାନୀୟ ସାହିବାସିନ୍ଦାଙ୍କ ସହ ପ୍ରଶାସନ ଆଲୋଚନା କରୁଛି। ପ୍ରଶାସନ ଓ ସାହିବାସିନ୍ଦାଙ୍କ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଆଲୋଚନା ସରିଥିଲେ ମଧ୍ୟ କୌଣସି ନିଷ୍କର୍ଷ ହୋଇପାରିନାହିଁ। ପ୍ରଶାସନର ଯୋଜନା ଅନୁଯାୟୀ, ରାସ୍ତା ଚଉଡ଼ା କରାଗଲେ କାକୁଡ଼ିଖାଇ ମଠ ଠାରୁ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ରାସ୍ତା ଉଭୟ ପାର୍ଶ୍ୱରେ ଥିବା ମଠ, ଘର ଓ ଦୋକାନ ଉଚ୍ଛେଦ ହେବ।

ସୂଚନା ଅନୁଯାୟୀ, ଶ୍ରୀମନ୍ଦିରରୁ ଦର୍ଶନ ସାରି ଭକ୍ତମାନେ ସମୁଦ୍ରକୂଳ ପର୍ଯ୍ୟନ୍ତ ଯାଇଥାଆନ୍ତି। ଏହି ରାସ୍ତା ମାତ୍ରାଧିକ ଗହଳି ଓ ଅଣଓସାରିଆ ହୋଇଥିବାରୁ ଯାତାୟାତରେ ସମସ୍ୟା ହୁଏ। ସଂପୃକ୍ତ ରାସ୍ତାରେ ୪ଚକିଆ ଯାନ ଯିବା ସମ୍ଭବପର ହୋଇ ନ ଥାଏ। ଫଳରେ ଯାତ୍ରୀ ଓ ଶ୍ରଦ୍ଧାଳୁ ହଇରାଣ ହୋଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ରାସ୍ତାକୁ ଚଉଡ଼ା କରାଯିବାକୁ ସ୍ଥିର ହୋଇଛି। ପ୍ରଥମେ ରାସ୍ତାକୁ ୬୦ ଫୁଟ୍ ଚଉଡ଼ା କରିବାକୁ ଯୋଜନା ହୋଇଥିବାବେଳେ ତୀବ୍ର ବିରୋଧ ପରେ ଏହାକୁ ୪୦ ଫୁଟ୍ କରାଯାଇଛି। ତେବେ ସ୍ଥାନୀୟ ଲୋକେ ଏବେ ମଧ୍ୟ ୪୦ ଫୁଟ୍ ଚଉଡ଼ା ରାସ୍ତାକୁ ବିରୋଧ କରୁଛନ୍ତି। ରାସ୍ତାର ଚଉଡ଼ା ୩୦ ଫୁଟ୍ କରାଯିବାକୁ ସେମାନେ ଦାବି ରଖିଛନ୍ତି। ଯଦି ଏଥିରେ ବ୍ୟତିକ୍ରମ ଘଟେ ତେବେ ଏହାକୁ ବିରୋଧ କରାଯିବ ବୋଲି ଅଞ୍ଚଳବାସୀ କହିଛନ୍ତି। ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ସ୍ଥାୟୀ ଓ ଅସ୍ଥାୟୀ ଦୋକାନ ଗଢି ଉଠିଥିବାବେଳେ ସ୍ଥାୟୀ ଘର ରହିଛି। ରାସ୍ତା ପ୍ରଶସ୍ତୀକରଣ ହେଲେ ଘର ଓ ଦୋକାନ ଉଚ୍ଛେଦ ଯୋଗୁ ଶହ ଶହ ଲୋକଙ୍କ ଜୀବିକା ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ଏଣୁ ବାଲିସାହି ସଂଶ୍ଳିଷ୍ଟ ସ୍ଥାନୀୟ ଲୋକେ ଓ ଦୋକାନୀମାନେ ଜିଲା ପ୍ରଶାସନର ଏହି ପଦକ୍ଷେପକୁ ବିରୋଧ କରିବା ଆରମ୍ଭ କଲେଣି। ସେହିଭଳି ଖଜାପଛି ଉଠିଯିବା ପରେ ବାଲିସାହିରେ ଖଜା ଦୋକାନ ଗଢ଼ି ଉଠିଛି। ଏଭଳି ସ୍ଥଳେ ଖଜା ବେପାରୀମାନେ ନିଜ ବେଉସା ହରାଇବା ସବୁଠାରୁ ବଡ଼ ସମସ୍ୟା। ଖଜା ବେପାରୀ ଗଗନ ବିହାରୀ ପଣ୍ଡା କହିଛନ୍ତି, ଖଜା ଦୋକାନରେ ଶହ ଶହ ଲୋକ କାମ କରୁଛନ୍ତି। ଖଜା ବେପାର ଆମ ରୋଜଗାରର ପ୍ରମୁଖ ଉତ୍ସ। ଏଭଳି ସ୍ଥଳେ ଦୋକାନ ଉଚ୍ଛେଦ କରାଗଲେ ବହୁ କର୍ମଚାରୀ ରୋଜଗାର ହରାଇବେ। ପୂର୍ବତନ ନଗରପାଳ ତଥା ସାହିବାସିନ୍ଦା ଗୌରହରି ପ୍ରଧାନ କହିଛନ୍ତି, ବାଲିସାହି ରାସ୍ତା କେଉଁଠାରେ ୨୦ ଫୁଟ୍ ହୋଇଥିବାବେଳେ ଅନ୍ୟ କେଉଁଠାରେ ୨୨ ଫୁଟ୍। ମାତ୍ର ଏହାଠାରୁ ଅଧିକ କୌଣସି ସ୍ଥାନରେ ଚଉଡ଼ା ନାହିଁ। ଏଣୁ ରାସ୍ତା ପ୍ରଶସ୍ତୀକରଣ ହେଲେ ୩୦ ଫୁଟ୍ ପର୍ଯ୍ୟନ୍ତ ଗ୍ରହଣ କରାଯାଇପାରିବ। ଏହାଠାରୁ ଅଧିକ ହେଲେ ଜମି ଅଧିଗ୍ରହଣ କରିବାକୁ ଦିଆଯିବ ନାହିଁ। ଅନ୍ୟପକ୍ଷରେ ବସ୍ତିବାସିନ୍ଦା ବିଶ୍ୱଜିତ୍ ମହାପାତ୍ର କହିଛନ୍ତି, ରାସ୍ତା କେତେ ଚଉଡ଼ା ହେବ ଓ କେତେ ଜମି ଅଧିଗ୍ରହଣ କରାଯିବ ସେ ନେଇ ପ୍ରଶାସନ କେବଳ କିଛି ମୁଷ୍ଟିମେୟ ବ୍ୟକ୍ତିଙ୍କ ସହ ଆଲୋଚନା କରିଛି। ହେଲେ ଯେଉଁମାନଙ୍କର ଜମି ଅଧିଗ୍ରହଣ ହେବ ସାମଗ୍ରିକ ଭାବେ ସେମାନଙ୍କ ସହ ଆଲୋଚନା କରୁନାହିଁ। ଏଣୁ ସବୁ ଅଂଶୀଦାରଙ୍କୁ ଆଲୋଚନା ପ୍ରକ୍ରିୟାରେ ସାମିଲ କରାଯାଉ। ସେହିଭଳି ଶ୍ରୀଲୋକନାଥ ମନ୍ଦିର ରୋଡ୍‌କୁ ମଧ୍ୟ ଆଂଶିକ ଚଉଡ଼ା କରାଯିବା ନେଇ ପ୍ରଶାସନର ଯୋଜନା ରହିଛି। ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ବାଲିସାହି ଓ ଲୋକନାଥ ରୋଡ୍ ସମ୍ପ୍ରସାରଣ କରାଯିବ। ଏନେଇ ଅଂଶୀଦାରମାନଙ୍କ ସହ ଆଲୋଚନା କରାଯାଉଛି। ବାଲିସାହି ରୋଡ୍‌କୁ ୪୦ ଫୁଟ୍ ଚଉଡ଼ା କରାଯିବ। ତେବେ ସମସ୍ତ ଅଂଶୀଦାରଙ୍କ ବିଶ୍ୱାସକୁ ନେଇ କାର୍ଯ୍ୟ ଆରମ୍ଭ କରିବୁ।



ବାଲିସାହିରୁ ସ୍ୱର୍ଗଦ୍ୱାର ଅଭିମୁଖେ ଯାଇଥିବା ରାସ୍ତା।

**୪୦ ଫୁଟ ପ୍ରଶସ୍ତ ହେବ ବାଲିସାହି ରାସ୍ତା**

- ବେଳାଭୂମି ମାର୍ଗ ପର୍ଯ୍ୟନ୍ତ ସହଜ ହେବ ଯାତାୟାତ
- ଉଚ୍ଛେଦ ଆଶଙ୍କାରେ ସ୍ଥାନୀୟ ବାସିନ୍ଦା, ବ୍ୟବସାୟୀ

## ଗୋଦାମରୁ ମାଲିକଙ୍କ ଝୁଲନ୍ତା ମୃତଦେହ ଜବତ

ନିମାପଡ଼ା,୭।୯(ଡି.ଏନ୍.ଏ.)

ନିମାପଡ଼ା ଥାନା ଅନ୍ତର୍ଗତ ପତିତପାବନ ପାଟଣା ଗ୍ରାମରେ ଥିବା ଏକ ଗ୍ରୋସେରୀ ମସଲା ଗୋଦାମ ଘରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ବୁଧବାର ଜବତ କରିଛି। ସେ ହେଲେ ନିମାପଡ଼ା ଅଞ୍ଚଳର ଉକ୍ତ ଗ୍ରୋସେରୀ ମସଲା, ଧୂପବତି, ମହମବତି ବ୍ୟବସାୟୀ ଦିଲୀପ ସାହୁ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୬/୨୨)ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଦିଲୀପ ସବୁଦିନ ପରି ବୁଧବାର ଗୋପୀନାଥପାଟଣାସ୍ଥିତ ଘରୁ ଫୁଲ ଆଣି ଗୋଦାମ ଘରେ ଥିବା ଠାକୁରଙ୍କୁ ପୂଜା କରିବାକୁ ଆସିଥିଲେ। ସ୍ଥାନୀୟ ଲୋକେ ଦିଲୀପଙ୍କୁ ବେକରେ ଶାଢ଼ି ବାନ୍ଧି ଝୁଲୁଥିବାର ଦେଖି ତାଙ୍କ ପରିବାରକୁ ଜଣାଇବା ସହ ପୋଲିସକୁ ଖବର ଦେଇଥିଲେ। ଏ ସମ୍ପର୍କରେ ଦିଲୀପଙ୍କ ଭାଇ ଦେବେନ୍ଦ୍ର ସାହୁ ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାର ତଦନ୍ତ କରାଯାଇ ସତ୍ୟାସତ୍ୟ ଉନ୍ମୋଚନ କରିବାକୁ ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି। ଦିଲୀପ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ସ୍ଥାନୀୟ ଲୋକଙ୍କଠାରୁ ଶୁଣିବାକୁ ମିଳୁଛି।

## ସଂକ୍ଷେପରେ

### ଶ୍ରୀମନ୍ଦିରରେ ବାମନ ଜନ୍ମ ନୀତି

**ପୁରୀ ଅଫିସ, ୭।୯:** ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ବାମନ ଜନ୍ମ ନୀତି ସମ୍ପନ୍ନ ହୋଇଛି। ମଧ୍ୟାହ୍ନ ଧୂପ ଉଠିବା ପରେ ଜୟବିଜୟ ଦ୍ୱାର ବନ୍ଦ ହୋଇ ଭିତର ଚନ୍ଦନ ଅର୍ଗଳିରେ ପୂଜାପଣ୍ଡା ପଞ୍ଚବର୍ଣ୍ଣ ମୁରୁଜରେ ମଣ୍ଡଳ ଅଙ୍କନ କରିଥିଲେ। ତିନି ବାଡ଼ରେ ବନ୍ଦାପନା ପରେ କଳସ ବରୁଣ ପୂଜା ସମ୍ପନ୍ନ ହୋଇଥିଲା। ପତିମହାପାତ୍ର ଓ ମୁଦିରସ୍ତ ଥାଇ ଆଚାର୍ଯ୍ୟ ବରଣ ହୋଇ ଦକ୍ଷିଣ ଘରେ ଭୋଗ ଶେଷ ପରେ କୃଷ୍ଣ (ବାମନ)ଙ୍କୁ ଭିତର ସିଂହାସନକୁ ବିଜେ କରାଇଥିଲେ। ମୁଦିରସ୍ତ ଶ୍ରୀଅଙ୍ଗରେ ଧଣ୍ଡିପ୍ରସାଦ ଲାଗି କରିବା ପରେ କୃଷ୍ଣଙ୍କୁ ସର୍ବତ୍ର ଭଦମଣ୍ଡଳ ଉପରେ ବିଜେ କରାଯାଇଥିଲା। ଏକ କ୍ଷୁଦ୍ରାକୃତି ସୁବର୍ଣ୍ଣ ବାମନ ପ୍ରତିମାଙ୍କୁ ପଞ୍ଚାମୃତରେ ମହାସ୍ନାନ କରି ଶୀତଳ ଭୋଗ କରାଯାଇ ଗର୍ଭ ଉଦକ ଲାଗି ପଞ୍ଚ ଉପଚାରରେ ପୂଜା କରାଯାଇଥିଲା। ଖଣ୍ଡୁଆ ଘୋଡ଼ାଇ ଜନ୍ମବିଧି ନୀତି ସମ୍ପନ୍ନ ହୋଇଥିଲା। ପୂଜାପଣ୍ଡା କୋରା, କ୍ଷୀର ଓ ଲହୁଣି ମଣୋହି ଏବଂ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ। ମହାଜନେ ଠାକୁରଙ୍କୁ ବିଜେ କରାଇ ଜୟବିଜୟ ଦ୍ୱାର ତଳେ ଠିଆ ହୋଇଥିଲେ। ଏଠାରେ ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ବାମନ ମୂର୍ତ୍ତି ପଟି ଦିଆଯିବା ପରେ ଠାକୁରଙ୍କୁ ବଟଦ୍ୱାର ଦେଇ ମାଜଣା ମଣ୍ଡପ ଖଟରେ ବିଜେ କରାଯାଇଥିଲା। ଆଜ୍ଞାମାଳ ପ୍ରଦାନ ପରେ, ଉକ୍ତ ମଣ୍ଡପ ଖଟରେ ଦୁର୍ଗା ପ୍ରତିମା ବିଜେ କରିଥିଲେ। ଏଠାରେ ପୂଜାପଣ୍ଡା ବସୁଧାରା କରିବା ପରେ ଯଜ୍ଞ ପବିତ୍ରା ଦେଇଥିଲେ। ପାଣି ପଡ଼ି ଶୀତଳ ଭୋଗ ପନ୍ତି ହୋଇଥିଲା। ଦୁଧ ମଣୋହି ସାରି ପ୍ରସାଦ ଲାଗି ପରେ ପଞ୍ଚ ଉପଚାରରେ ପୂଜା କରାଯାଇଥିଲା। ବନ୍ଦାପନା ଓ ପ୍ରସାଦ ଲାଗି ହୋଇ କୃଷ୍ଣ ଦକ୍ଷିଣ ଘରକୁ ଏବଂ ଦୁର୍ଗା ଭଣ୍ଡାରଘରକୁ ବିଜେ କରିଥିଲେ। ପରେ ଅନ୍ୟାନ୍ୟ ନୀତି ବଢ଼ିଥିଲା।

### ଏସ୍‌ପି ଅଫିସ ଘେରିଲା ଓଡ଼ିଶା ସୂଚନା ଅଧିକାର ଅଭିଯାନ

**ପୁରୀ ଅଫିସ,୭।୯:** ସୂଚନା ଅଧିକାର କର୍ମୀ ସନ୍ତୋଷ ମହାନ୍ତିଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଏତଲା ଦିଆଯିବା ସତ୍ତ୍ୱେ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଉନାହିଁ। ଏହା ପ୍ରତିବାଦରେ ବୁଧବାର ଓଡ଼ିଶା ସୂଚନା ଅଧିକାର ଅଭିଯାନ ତରଫରୁ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଏଥିସହ ଏସ୍‌ପି କନୱର ବିଶାଲ ସିଂଙ୍କୁ ଏକ ସ୍ମାରକପତ୍ର ଦିଆଯାଇଛି। ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ଆକ୍ରମଣ ଘଟଣାକୁ ୧୦ଦିନ ବିତିଗଲାଣି। ହେଲେ ଏପର୍ଯ୍ୟନ୍ତ ଅଭିଯୁକ୍ତମାନେ ଖୋଲାରେ ବୁଲୁଛନ୍ତି। ପୋଲିସ ଅପରାଧୀଙ୍କୁ ଗିରଫ କରିବା ପରିବର୍ତ୍ତେ ସୁରକ୍ଷା ଯୋଗାଉଛି। କେତେଜଣ ପୋଲିସ ଅଧିକାରୀ ତଦନ୍ତ ପ୍ରକ୍ରିୟାକୁ ପ୍ରଭାବିତ କରୁଛନ୍ତି। ଏଣୁ ସଂପୃକ୍ତ ଅଧିକାରୀମାନଙ୍କୁ ଏହି ତଦନ୍ତରୁ ହଟାଇ ସ୍ପେଶାଲ ସ୍କ୍ୱାଡ୍‌କୁ ଦାୟିତ୍ୱ ଦିଆଯାଉ। ସେହିପରି ଆସନ୍ତା ୪ଦିନ ମଧ୍ୟରେ ଅଭିଯୁକ୍ତମାନଙ୍କୁ ଗିରଫ କରା ନ ଗଲେ ୧୨ ତାରିଖରେ ସୂଚନା ଅଧିକାର କର୍ମୀମାନେ ନବୀନ ନିବାସ ଘେରାଉ କରିବେ ବୋଲି ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ କହିଛନ୍ତି। ଏହି ଆନ୍ଦୋଳନରେ ରାଜ୍ୟ ଆବାହକଙ୍କ ସମେତ ସନ୍ତୋଷ ମହାନ୍ତି, ନିରଞ୍ଜନ ସାହୁ, ବାବିନା ଜେନା ଏବଂ ବଟ ପ୍ରଧାନ ପ୍ରମୁଖ ସାମିଲ ଥିଲେ। ଉଲ୍ଲେଖଯୋଗ୍ୟ, ଗତ ଅଗଷ୍ଟ ୨୮ ତାରିଖରେ ସନ୍ତୋଷଙ୍କୁ ମରଣାନ୍ତକ ଆକ୍ରମଣ କରି ରାସ୍ତାରେ ଫିଙ୍ଗିଦିଆଯାଇଥିଲା। ଏ ନେଇ ସନ୍ତୋଷ ସଦର ଥାନାରେ ୪ଜଣଙ୍କ ନାମରେ ଏତଲା ଦେଇଥିଲେ।

### ମଦ ବ୍ୟବସାୟୀ ଗିରଫ

**ନିମାପଡ଼ା,୭।୯(ଡି.ଏନ୍.ଏ.):** ନିମାପଡ଼ା ଅବକାରୀ ବିଭାଗ ବୁଧବାର ଚଢ଼ାଉବେଳେ ୧୦୦ ବୋତଲ ଚୋରା ଦେଶୀ ମଦ ଜବତ କରିବା ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଗୋସିଙ୍ଗା ଗ୍ରାମର ଅମରେଶ୍ୱର ସେଠୀ। ଏନେଇ ନିମାପଡ଼ା ଅବକାରୀ ବିଭାଗ ଏକ ମାମଲା (ନଂ. ୪୭/୨୨-୨୩) ରୁଜୁ କରିଛି।



୬ ଦଫା ଦାବି ନେଇ ପୁରୀ ବସ୍ତି ସୁରକ୍ଷା ମଞ୍ଚ ପକ୍ଷରୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

## ଶିକ୍ଷକଙ୍କ ବଦଳି ବାତିଲକୁ ବିରୋଧ

### ସ୍କୁଲ ଗେଟରେ ତାଲା ପକାଇଲେ ଅଭିଭାବକ

ଅସ୍ତରଙ୍ଗ,୭।୯(ଡି.ଏନ୍.ଏ.)

ଅସ୍ତରଙ୍ଗ ଶିକ୍ଷା ମଣ୍ଡଳ ଅଧୀନ ବନ୍ତିଳୋସ୍ଥିତ ଶ୍ରୀଜଗନ୍ନାଥ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୁଇ ଶିକ୍ଷକଙ୍କ ବଦଳି ବାତିଲ ପ୍ରତିବାଦରେ ଶତାଧିକ ଛାତ୍ରୀଛାତ୍ର ଓ ଅଭିଭାବକ ସ୍କୁଲ ଗେଟରେ ତାଲା ପକାଇବା ସହ ଧାରଣା ଦେଇଥିଲେ। ଏହି ସ୍କୁଲର ଦୁଇ ଜଣ ଶିକ୍ଷକ ରଚନା କାଣ୍ଡି ଏବଂ ହରି ସ୍ୱାଇଁ ଦୀର୍ଘଦିନ ଧରି ସ୍କୁଲରେ ରହିଥିବା ଏବଂ ବାଧିତ ଶିକ୍ଷାଦାନ ଯୋଗୁ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ବାରମ୍ବାର ଅଭିଯୋଗ ପରେ ୧୦ଦିନ ପୂର୍ବେ ଶିକ୍ଷକଦ୍ୱୟଙ୍କୁ ଯଥାକ୍ରମେ ବଡ଼ଓଲା ଓ ଇନାୟତପୁରକୁ ବଦଳି ହୋଇଥିଲା। ପୁଣି କେଉଁ କାରଣରୁ ଉକ୍ତଦ୍ୱୟ ଶିକ୍ଷକଙ୍କ ବଦଳିକୁ ବାତିଲ କରାଯାଇଥିଲା। ବୁଧବାର ଶିକ୍ଷକଦ୍ୱୟ ପୁଣି ଜଗନ୍ନାଥ ନୋଡାଲ ସ୍କୁଲରେ ଯୋଗଦେବାକୁ ପହଞ୍ଚିବାରୁ ଶତାଧିକ ଅଭିଭାବକ ଓ ଛାତ୍ରୀଛାତ୍ର ସ୍କୁଲ ଫାଟକରେ ତାଲା ପକାଇବା ସହ ଧାରଣା ଦେଇଥିଲେ। ଯେତେଦିନ ପର୍ଯ୍ୟନ୍ତ ସେମାନଙ୍କୁ ଏଠାରୁ ବଦଳି କରାଯାଇନାହିଁ ସ୍କୁଲ ଫାଟକରେ ତାଲା ଝୁଲିବା ସହିତ ଧାରଣା ଜାରିରହିବ ବୋଲି ସ୍କୁଲ କମିଟି ସଭାପତି ଶ୍ୟାମସୁନ୍ଦର ନାୟକ, ଗ୍ରାମ୍ୟ କମିଟି ସଭାପତି ସୁର ବାରିକ, ତୁଷାର ବେହେରା, ଦିଲୀପ ପରିଡ଼ା, ବାବାଜୀ ଚରଣ ସାଇଁ, ପ୍ରଫୁଲ୍ଲ ପରିଡା ପ୍ରମୁଖ କହିଛନ୍ତି। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଓ ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ବ୍ଲକ ସହ ଶିକ୍ଷା ଅଧିକାରୀ ମମତା ମଞ୍ଜରୀ ଦେଇ କୁହନ୍ତି, ବଦଳି ଆଦେଶଟି ତ୍ରୁଟିପୂର୍ଣ୍ଣ ଥିବାରୁ ସେମାନେ କୋର୍ଟଙ୍କ ଆଶ୍ରୟ ନେଇ ହୋଇଥିବା ବଦଳି ଆଦେଶକୁ ପ୍ରତ୍ୟାହାର କରିବା ପାଇଁ ମଙ୍ଗଳବାର ଶିକ୍ଷା ଅଧିକାରୀଙ୍କ ନିକଟରେ ଦାବି କରିଥିଲେ। ଶିକ୍ଷା ଅଧିକାରୀ ସମ୍ପୃକ୍ତ ଶିକ୍ଷକମାନଙ୍କ ଦାବିକୁ ଗ୍ରହଣ କରି ବଦଳି ଆଦେଶକୁ ପ୍ରତ୍ୟାହାର କରିଥିଲେ ବୋଲି ସେ କହିଛନ୍ତି।

## ଅନ୍ତର୍ଜାତୀୟ ଛତୁମେଳାରେ ଯୋଗଦେବେ ପିପିଲିର ଛତୁଚାଷୀ

ପିପିଲି,୭।୯(ଡି.ଏନ୍.ଏ.)

ଆସନ୍ତା ୧୦ ତାରିଖରେ ଜାତୀୟ ଛତୁ ଗବେଷଣା କେନ୍ଦ୍ର ଆନୁକୂଲ୍ୟରେ ୧୭ତମ ଅନ୍ତର୍ଜାତୀୟ ଛତୁମେଳା ଅନୁଷ୍ଠିତ ହେବାକୁ ଯାଉଛି। ହିମାଚଳ ପ୍ରଦେଶର ସୋଲାନଠାରେ ହେବାକୁ ଥିବା ଏହି ମେଳାରେ ବିଭିନ୍ନ ଦେଶରୁ ୨ଶହ ଛତୁ କେନ୍ଦ୍ର ସାମିଲ ହେବ। ତେବେ ଏଥିରେ ଓଡିଶାରୁ ଏକମାତ୍ର କେନ୍ଦ୍ର ପୁରୀ ଜିଲା ପିପିଲିର ରଶ୍ମିରେଖା ଛତୁ ତାଲିମ କେନ୍ଦ୍ର ମନୋନୀତ ହୋଇଛି। ଏନେଇ କେନ୍ଦ୍ରର ମୁଖ୍ୟ ସଞ୍ଜିତ କୁମାର ମହାନ୍ତିଙ୍କ ନେତୃତ୍ୱରେ ଓଡିଶାର ବିଭିନ୍ନ ଜିଲାରୁ ଏକ ୧୫ ଜଣିଆ ଟିମ୍ ବୁଧବାର ହିମାଚଳ ପ୍ରଦେଶ ଗସ୍ତ କରିଛନ୍ତି। ମେଳାରେ ଏହି ଛତୁକେନ୍ଦ୍ରର ଚାଷୀମାନେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସାକ୍ଷାତ କରିବାର ଏକ କାର୍ଯ୍ୟକ୍ରମ ଥିବା କେନ୍ଦ୍ରର ମୁଖ୍ୟ ମହାନ୍ତି ସୂଚନା ଦେଇଛନ୍ତି।

## ପିପିଲିର ବୋହୂ ସ୍ୱପ୍ନାମଞ୍ଜରୀଙ୍କୁ ମିଳିବ ଜାତୀୟ ପୁରସ୍କାର

ପିପିଲି,୭।୯(ଡି.ଏନ୍.ଏ.)



ପିପିଲିର ବୋହୂ ସ୍ୱପ୍ନାମଞ୍ଜରୀ ନାୟକଙ୍କୁ ଜାତୀୟ ହସ୍ତଶିଳ୍ପ ପୁରସ୍କାର ମିଳିବ। ଏଥିପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶରୁ ୪ ଜଣଙ୍କୁ ମନୋନୀତ କରିଛନ୍ତି। ସେଥିମଧ୍ୟରୁ ଓଡ଼ିଶାରୁ ୩ ଜଣ ମନୋନୀତ ହୋଇଥିବାବେଳେ ପୁରୀରୁ ଦୁଇ ପ୍ରତିଭା ଏହି ସମ୍ମାନର ଅଧିକାରୀ ହୋଇଛନ୍ତି। ମହିଳା ବର୍ଗରେ ପିପିଲି ପୌରାଞ୍ଚଳ ଅଧୀନ ଭବାନୀପୁରର ଶିଳ୍ପୀ ସ୍ୱପ୍ନମଞ୍ଜରୀ ଜାତୀୟସ୍ତରରେ ପୁରସ୍କାର-୨୦୧୯ ପାଇଁ ମନୋନୀତ ହୋଇଛନ୍ତି। ଏନେଇ ଶିଳ୍ପ ବିଭାଗକୁ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି ଆସିଥିଲା। ସ୍ୱପ୍ନା କୃଷ୍ଣ କାହାଣୀ ଉପରେ ପୋଥିଚିତ୍ର କାରିଗରି ଉପସ୍ଥାପନ କରି ଏହି ସମ୍ମାନର ଅଧିକାରିଣୀ ହୋଇଛନ୍ତି। ଚନ୍ଦନପୁରସ୍ଥିତ ନାୟକପାଟଣା ଗ୍ରାମର ପୋଥିଚିତ୍ର ଆଦ୍ୟଗୁରୁ ମାଗା ନାୟକଙ୍କ ଝିଅ ସ୍ୱପ୍ନା। ସେ ମାଟ୍ରିକ ପାସ୍ କରିବା ପରେ ବାପା ମାଗାଙ୍କଠାରୁ ତାଳପତ୍ର ପୋଥିଚିତ୍ରେ କାରିଗରି ଶିକ୍ଷା ଗ୍ରହଣ କରିଥିଲେ। ସେବେଠୁ ୧୯ ବର୍ଷ ଧରି ସେ ନିୟମିତ ଏହି କଳାସହ ଜଡିତ ଅଛନ୍ତି। ତାଳପତ୍ର ଚିତ୍ରକଳା କାରିଗରିକୁ ସେ ପିପିଲିରେ ଅନେକ ଯୁବତୀ ଯୁବକଙ୍କୁ ଶିକ୍ଷା ପ୍ରଦାନ କରି ସୁନାମ ଅର୍ଜିଛନ୍ତି। ସେ ଏହି କାର୍ଯ୍ୟରେ ଦଶାବତାର, କୃଷ୍ଣଙ୍କ କାହାଣୀ, ରାମଙ୍କ କାହାଣୀ, ଗଣେଶଙ୍କ କାହାଣୀ, କୋଣାର୍କ ଚକ୍ର ଆଦି ତିଆରି କରିଛନ୍ତି। ଗୋଟିଏ ଗୋଟିଏ କାହାଣୀ କରିବାକୁ ତାଙ୍କୁ ପ୍ରାୟ ୬ରୁ ୭ ମାସ ସମୟ ଲାଗିଥାଏ। ସ୍ୱପ୍ନା ତାଙ୍କର ଏହି ପୁରସ୍କାରର ଶ୍ରେୟ ବାପାଙ୍କୁ ଦେଇଛନ୍ତି। ପିପିଲି ଭଳି ଏକ ଛୋଟ ସ୍ଥାନରୁ ସ୍ୱପ୍ନା ଏଭଳି ଜାତୀୟ ସମ୍ମାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବାରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। ସ୍ୱପ୍ନାଙ୍କ ସଫଳତା ପାଇଁ ସ୍ୱାମୀ ସରୋଜ ନାୟକ ଖୁସି ବ୍ୟକ୍ତ କରିଛନ୍ତି।

## ଉତ୍କଳୀୟ ନବବର୍ଷ ଆରମ୍ଭ



ରାଜ ପରମ୍ପରା ଅନୁଯାୟୀ ଶ୍ରୀନଅରରେ ସୁନିଆ ନୀତି ସମ୍ପନ୍ନ କରାଯାଉଛି।

### ଶ୍ରୀନଅରରେ ସୁନିଆ ନୀତି ସମ୍ପନ୍ନ

ପୁରୀ ଅଫିସ, ୭।୯

ଭାଦ୍ରବ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ବୁଧବାର ଶ୍ରୀନଅରରେ ସୁନିଆ ନୀତି ସମ୍ପନ୍ନ ହୋଇଛି। ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଶାସନରେ ୬୪ ଅଙ୍କ ଶେଷ ହୋଇ ୬୫ ଅଙ୍କ ଓ ୧୪୩୦ ସାଲ ଆରମ୍ଭ ହୋଇଛି। ସୁନିଆରୁ ଉତ୍କଳୀୟ ସାଂସ୍କୃତିକ ଓ ସାମାଜିକ ଜୀବନରେ ଗଜପତିଙ୍କ ନାମରେ ଉତ୍କଳ ନବବର୍ଷ ଆରମ୍ଭ ହୋଇଥାଏ। ଓଡ଼ିଆ ପାଇଁ ଜାତକର ବର୍ଷ, ମାସ, ତାରିଖ, ତିଥି ଓ ନକ୍ଷତ୍ର ଗଜପତିଙ୍କ ନାମରେ ଉଲ୍ଲେଖ ହୋଇଥାଏ। ସୁନିଆ ଦିନଠାରୁ ଗଜପତି ମହାରାଜାଙ୍କ ଗାଦିନାସୀନ ବର୍ଷର ଗଣନା କରାଯାଇଥାଏ।

ସୁନିଆରେ ଶ୍ରୀନଅରରେ ରାଜ ପରମ୍ପରା ଅନୁଯାୟୀ ନୀତି ସମ୍ପନ୍ନ ହୋଇଥିଲା। ଶ୍ରୀନଅରର ବିଭିନ୍ନ ସ୍ଥାନରେ ଝୋଟି ପକାଯାଇଥିଲା। ସକାଳୁ ରାଜଗୁରୁମାନେ ଶୁଭଖୁଣ୍ଟି ଅନୁକୂଳ କରି ଯଥାବିଧି ଦେବାର୍ଚ୍ଚନା ନୀତି ସମ୍ପନ୍ନ କରିଥିଲେ। ସନ୍ଧ୍ୟାରେ ପଞ୍ଚଦେବତା ଓ ରାମାଭିଷେକ ପୂଜା ହୋଇଥିଲା। ପରେ ମଙ୍ଗଳାର୍ପଣ ନୀତି ହୋଇ ଅନ୍ୟାନ୍ୟ ନୀତି ସମ୍ପନ୍ନ କରାଯାଇଥିଲା। ଏକ ସୁନା ମୋହରରେ ୬୫ ଅଙ୍କ କଟାଯାଇ ଘୋଷଣା କରାଯାଇଥିଲା। ପରେ ଷୋହଳଶାସନ ବ୍ରାହ୍ମଣମାନେ ଗଜପତିଙ୍କୁ ଗୋଟିଏ ଲେଖାଏ ନଡ଼ିଆ ଭେଟି ଦେଇ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ପରେ ଗଜପତିଙ୍କୁ ପ୍ରଜା ଓ କର୍ମଚାରୀମାନେ ସୁନିଆ ଭେଟି ଦେଇଥିଲେ।

## ଆଇନଜୀବୀଙ୍କ ଆଖିକୁ ଲଙ୍କାଗୁଣ୍ଡ ଫିଙ୍ଗିଲେ

ପୁରୀ ଅଫିସ,୭।୯

ପୁରୀ ସହରରେ ବୁଧବାର ଜଣେ ଆଇନଜୀବୀଙ୍କ ଆଖିକୁ ଲଙ୍କାଗୁଣ୍ଡ ମାଡ଼ କରାଯାଇଛି। ଫଳରେ ସେ ଗୁରୁତର ହୋଇପଡ଼ିଛନ୍ତି। ସେ ରାସ୍ତାରେ ବସିପଡ଼ି ଯନ୍ତ୍ରଣାରେ ଚିତ୍କାର କରିବା ସହ ଛଟପଟ ହେଉଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ସମ୍ପୃକ୍ତ ଆଇନଜୀବୀ ତପନ ବାରିକ ଏନେଇ ପୁରୀ ଟାଉନ ଥାନାରେ ଏତଲା ଦେଇଛନ୍ତି। ପୂର୍ବ ଶତ୍ରୁତାରୁ ଏହି ଘଟଣା ଘଟିଥିବା ସନ୍ଦେହ କରାଯାଉଛି।

ଅଭିଯୋଗ ଅନୁଯାୟୀ, ସନ୍ଧ୍ୟାରେ ଆଇନଜୀବୀ ବାରିକ ସ୍କୁଟରରେ ଏସ୍‌ସିଏସ୍ କଲେଜ ସମ୍ମୁଖ ରାସ୍ତା ଦେଇ ଯାଉଥିଲେ। ଏହି ସମୟରେ ଅନ୍ଧାରର ସୁଯୋଗ ଦେଖି ଦୁର୍ବୃତ୍ତମାନେ ତାଙ୍କ ଆଖିକୁ ଲଙ୍କାଗୁଣ୍ଡ ଫିଙ୍ଗି ଫେରାର ହୋଇଯାଇଥିଲେ। ସେ ଯନ୍ତ୍ରଣାରେ ଚିତ୍କାର କରୁଥିବାବେଳେ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳକୁ ଯାଇ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିବା ସହ ସଂପୃକ୍ତ ଅଞ୍ଚଳରେ ଥିବା ସିସିଟିଭି ଫୁଟେଜ ଯାଞ୍ଚ କରିଛି। ମାତ୍ର ସିସିଟିଭି ଫୁଟେଜରୁ ଦୁର୍ବୃତ୍ତଙ୍କ ଚେହେରା ସ୍ପଷ୍ଟ ହୋଇପାରିନାହିଁ। ଏ ନେଇ ତଦନ୍ତ ଜାରି ରହିଥିବା ଟାଉନ ଥାନା ଆଇଆଇସି ଗୋକୁଳ ରଞ୍ଜନ ଦାଶ କହିଛନ୍ତି।

## ରାଜରାଜେଶ୍ୱର ବେଶରେ ସାକ୍ଷୀଗୋପାଳଙ୍କୁ ସୁନିଆ ଭେଟି

ସାକ୍ଷୀଗୋପାଳ, ୭।୯ (ଡି.ଏନ୍.ଏ/ସ୍ୱ.ପ୍ର.)

ବୁଧବାର ସନ୍ଧ୍ୟାରେ ସାକ୍ଷୀଗୋପାଳ ଠାକୁରଙ୍କୁ ରାଜରାଜେଶ୍ୱର ବେଶରେ ସୁନିଆଁ ଭେଟି ଅର୍ପଣ କରାଯାଇଛି। ସନ୍ଧ୍ୟାଧୂପରେ ଠାକୁର ପାଟ ପୀତାମ୍ବରୀ କାଛି ଲାଗିହୋଇ ସୁବର୍ଣ୍ଣ କିରୀଟ, ବଂଶୀ, ମକର କୁଣ୍ଡଳ, ଚାପସରି, ନୁଦୁକ, ତାବିଜ, ବେଙ୍ଗପାଟିଆ, ବାଙ୍କି, ନୂପୁର ଆଦି ସୁନାରୁପା ଅଳଙ୍କାର, ଫୁଲ, ତୁଳସୀ ମାଳ ଲାଗିହୋଇ ରାଜ ବେଶରେ ଶୋଭା ପାଉଥିଲେ। ପରମ୍ପରାକ୍ରମେ ଗୋପାଳପୁର ପାଟଣାର ମହାଜନ, ପ୍ରଜା, ସେବାୟତ ଓ ଶ୍ରଦ୍ଧାଳୁମାନେ ମଶାଲ ଜଳାଇ ସର, ଲବଣି ଭାର, ଫୁଲ, ତୁଳସୀ ମାଳ ଆଦି ଠାକୁରଙ୍କୁ ଭେଟି ଦେଇଥିଲେ। ବିଭିନ୍ନ ବର୍ଗର ସେବାୟତମାନେ ପନିକି, କୋରଣା, କଟୁରି, ପିଢ଼ା, ଦୀପରୁଖା ପ୍ରଦାନ କରିଥିଲେ। ଦ୍ୱିପ୍ରହର ଧୂପ ପରେ ଠାକୁରଙ୍କ ବାମନ ଜନ୍ମ ନୀତି ଅନୁଷ୍ଠିତ ହୋଇଥିଲା।



୫-ଟି ସଚିବ ଭି.କେ. ପାଣ୍ଡିଆନ୍ ବୁଧବାର ପୁରୀରେ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କରିବା ପରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି।

## ନୂଆଁଖାଇ ସଦ୍‌ଭାବନା, ଭାଇଚାରାର ପ୍ରତୀକ

ପୁରୀ ଅଫିସ,୭।୯

ନୂଆଁଖାଇ କେବଳ ଏକ ପର୍ବ ନୁହେଁ ବରଂ ଏହା ଆମ ସଂସ୍କୃତି, ସଦ୍‌ଭାବନା ଓ ଭାଇଚାରାର ପ୍ରତୀକ। ଓଡ଼ିଶାର ପୁରପଲ୍ଲୀରେ ନୂଆଁଖାଇ ମହୋତ୍ସବ ଓଡ଼ିଆଙ୍କ ପରମ୍ପରାର ଏକ ସ୍ୱତନ୍ତ୍ର ଭାଗ ବୋଲି ଅତିରିକ୍ତ ଜିଲାପାଳ ଦିଲୀପ କୁମାର ମହାପାତ୍ର କହିଛନ୍ତି। ବୁଧବାର ସ୍ଥାନୀୟ ସଂସ୍କୃତି ଭବନରେ ରାଜ୍ୟ ସଂସ୍କୃତି ବିଭାଗ ଓ ପୁରୀ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ନୂଆଁଖାଇ ଭେଟ୍‌ଘାଟ୍ ପାଳିତ ହୋଇଛି। ପଶ୍ଚିମ ଓଡ଼ିଶାରେ ମହାଆଡ଼ମ୍ବରରେ ନୂଆଁଖାଇ ପାଳନ ହେଉଥିଲେ ମଧ୍ୟ ରାଜ୍ୟ ସରକାର ସମସ୍ତ ଜିଲାରେ ଏହି ପର୍ବ ପାଳନ ପାଇଁ ବ୍ୟବସ୍ଥା କରିଛନ୍ତି, ଯାହାଫଳରେ ରାଜ୍ୟରେ ସାଂସ୍କୃତିକ ବିବିଧତାକୁ ସମ୍ମାନ ମିଳିବା ସହ ଏକତାର ପ୍ରତିଷ୍ଠା ହେବ ବୋଲି ଜିଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା କହିଛନ୍ତି। କାର୍ଯ୍ୟକ୍ରମରେ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କହିଛନ୍ତି, ଅତୀତର ସ୍ମୃତିଚାରଣ କରିବା ସହ ପାରସ୍ପରିକ ସ୍ନେହ, ସଦିଚ୍ଛା, ଭାଇଚାରା ଓ ଭଲପାଇବା ନୂଆଁଖାଇ ଉତ୍ସବର ମୂଳ ଉଦ୍ଦେଶ୍ୟ। ପ୍ରତିଟି ଓଡ଼ିଆ ଏହି ଭାବାର୍ଥର ସାର୍ଥକତା ଦିଗରେ ଧ୍ୟାନ ଦେବା ଆବଶ୍ୟକ। ଜଣେ ଓଡ଼ିଆ ଯେତେ ଦୂରରେ ରହିଥିଲେ ବି ନୂଆଁଖାଇ ପର୍ବ ପାଳନ ବେଳେ ପରିବାର ସହ ଏକାଠି ହେବାର ସଦ୍‌ଭାବନା କେବେ ହରାଇ ନ ଥାଏ। ଏହା ହିଁ ନୂଆଁଖାଇର ସ୍ୱତନ୍ତ୍ରତା। ସେହିଭଳି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ କହିଛନ୍ତି, ଆମ ପରମ୍ପରା ଓ ସଂସ୍କୃତି ଧୀରେ ଧୀରେ ତା'ର ପ୍ରାସଙ୍ଗିକତା ହରାଉଛି। ଫଳରେ ଭବିଷ୍ୟତ ପିଢ଼ି ନିଜ ପରମ୍ପରା ସମ୍ପର୍କରେ ଅଜ୍ଞ ହୋଇ ଯାଉଛନ୍ତି। ନୂଆଁଖାଇ ଭଳି ଗଣପର୍ବକୁ ପାଳନ କରି ପରସ୍ପର ମଧ୍ୟରେ ଭାଇଚାରା ବଢ଼ାଇବାକୁ ସମସ୍ତେ ମିଳିତ ପ୍ରୟାସ କରିବା ଉଚିତ୍। ଏହି ଅବସରରେ ନୃତ୍ୟଗୁରୁ ଗୋବିନ୍ଦ ପାଲ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ କୁମାର ମହାରଣା ପ୍ରମୁଖ ଓଡ଼ିଆ ସଂସ୍କୃତି ଓ ନୂଆଁଖାଇର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା ଅଧ୍ୟକ୍ଷତା କରିବା ସହ ଧନ୍ୟବାଦ ଦେଇଥିଲେ। ବସନ୍ତ କୁମାର ମହାରଣା ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସମ୍ବଲପୁରୀ ନୃତ୍ୟ ଓ ଗୀତ ପରିବେଷଣ ହୋଇଥିଲା।




କାର୍ଯ୍ୟକ୍ରମରେ ନୃତ୍ୟାଙ୍ଗନାମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି।